୬-୧୨ ଜୁଲାଇ, ୨୦୨୫

ସକାଳ
THE SAKALA
ରବିବାର

# ସିନ୍ଦୁରା



- ବର୍ଷା ରାଣୀ
- ଆସନ୍ତେ ବର୍ଷାକାଳ
- ବର୍ଷା ଋତୁରେ ପୂଜାପର୍ବ
- ବର୍ଷାକାଳୀନ ଫୁଲ
- ରୁପେଲି ପରଦାରେ ବର୍ଷା

## ବର୍ଷା

ବର୍ଷା ! ମଣିଷକୁ ନେଇ ଯାଏ ଏକ ସ୍ୱପ୍ନର ରାଇଜକୁ । ତା'ର ତନୁ ଓ ମନରେ ଭରିଦିଏ ଅପୂର୍ବ ରୋମାଞ୍ଚ । ବର୍ଷା ଋତୁର ଆଗମନରେ ହସି ଉଠେ ସାରା ଜୀବଜଗତ । ଖୁସିରେ ନାଚି ଉଠେ କୃଷକର ମନ । କବି, ଲେଖକ, ଭାବୁକଙ୍କୁ ଆନମନା କରିଦିଏ ରିମ୍‌ଝିମ୍ ବର୍ଷା । କେତେବେଳେ କବିର ଲେଖନୀରେ ବର୍ଷା ହୋଇ ଉଠିଛି ଜୀବନ୍ତ, ପୁଣି କେତେବେଳେ ଚିତ୍ରକରର ତୂଳୀରେ ଆକର୍ଷଣୀୟ ହୋଇଉଠେ ବର୍ଷାର ମନୋରମ ଦୃଶ୍ୟ । ଏତେ ମନଲୋଭା ଦୃଶ୍ୟକୁ ରୁପେଲି ପରଦା ବା ଅଣଦେଖା କରନ୍ତା କିପରି! ରୁପେଲି ପରଦାରେ ମଧ୍ୟ ବର୍ଷାର ଚିତ୍ର ଅତି ମନଲୋଭା ଓ ହୃଦୟସ୍ପର୍ଶୀ । 'ବର୍ଷା' ଅର୍ଥ ହିଁ ରୋମାଣ୍ଟିକ୍ । ବର୍ଷାକୁ ନେଇ ବଲିଉଡ୍ ଏବଂ ଓଲିଉଡ୍‌ରେ ତିଆରି ହୋଇଛି ଅନେକ ରୋମାଣ୍ଟିକ୍ ଗୀତ ।

ବର୍ଷା ରାଣୀର ଆଗମନରେ ଧରାପୃଷ୍ଠ ହୋଇଉଠେ ଶସ୍ୟଶ୍ୟାମଳା । ଆକାଶ ବକ୍ଷରେ ମେଘଖଣ୍ଡର ଲୁଚକାଳି ଖେଳ, ବିଜୁଳି ସହିତ ଘଡ଼ିଘଡ଼ି ମନ ଭିତରେ ଭୟ ସଂଚାର କରେ, ତେବେ ଯେତେବେଳେ ବର୍ଷାର ଟପ୍‌ଟପ୍ ବିନ୍ଦୁ ଧରିତ୍ରୀ ଉପରେ ବିଚ୍ଛୁରିତ ହୋଇପଡ଼େ; ସବୁଠି ଆନନ୍ଦର ଲହରୀ ଖେଳି ଯାଏ । ସମଗ୍ର ଜୀବଜଗତ ଉଲ୍ଲସିତ ହୋଇଉଠେ । ଆମ କଳା, ସାହିତ୍ୟ, ସଂଗୀତ, ସଂସ୍କୃତି ସହିତ ବର୍ଷାର ନିବିଡ଼ ସଂପର୍କ ରହିଛି । ବର୍ଷା ଋତୁରେ ଅନେକ ପର୍ବପର୍ବାଣି, ଓଷାବ୍ରତ ପାଳିତ ହୋଇଥାଏ । କିଏ ବର୍ଷାର ଆଗମନ ପାଇଁ ଇନ୍ଦ୍ରଙ୍କୁ ପୂଜା କରନ୍ତି ତ କିଏ ଅତ୍ୟଧିକ ବର୍ଷାର ପ୍ରକୋପରୁ ରକ୍ଷା ପାଇବା ନିମନ୍ତେ ଭଗବାନଙ୍କୁ ପ୍ରାର୍ଥନା କରନ୍ତି । ପିଲାଦିନରେ ବର୍ଷା ଜଳରେ କାଗଜ ଡଙ୍ଗା ଭସାଇବାର ମଧୁର ଅନୁଭୂତି ଅନେକଙ୍କ ରହିଛି । ବର୍ଷା ଜଳରେ ଉବୁଟୁବୁ ପୋଖରୀ ହୁଡ଼ା ଏବଂ ସାରୁବୁଦା ମୂଳେ ବେଙ୍ଗର କେଁ କଟର ରଡ଼ି ହେଉ କି ମୟୂରର ନୃତ୍ୟ ଅବା ଲାଲ ଟୁକୁଟୁକୁ ସାଧବ ବୋହୂର ଆବିର୍ଭାବ କିମ୍ବା ଆକାଶରେ ଇନ୍ଦ୍ରଧନୁର ସପ୍ତରଙ୍ଗ ମନରେ ପ୍ରଫୁଲ୍ଲତା ଆଣିଦିଏ । ସତରେ ବର୍ଷା ଋତୁର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ । ବର୍ଷା ଋତୁର ସୌନ୍ଦର୍ଯ୍ୟ ଓ ଅନୁଭବକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା: **ବର୍ଷା**

ପ୍ରସ୍ତୁତି 'ସକାଳ' ବ୍ୟୁରୋ



## କେମିତି କଟିବ ସପ୍ତାହ


**ମେଷ**


ରବି, ସୋମ, ମଙ୍ଗଳବାରରେ ଅକସ୍ମାତ୍ ସମସ୍ୟାରେ ପଡ଼ିଯାଇପାରନ୍ତି । ବୃଥାଭ୍ରମଣ କରି ଅସୁସ୍ଥ ମନେ କରିବେ । ବୁଧ, ଗୁରୁବାରରେ ନୂତନ କାର୍ଯ୍ୟାରମ୍ଭ କରିପାରନ୍ତି । ଶୁକ୍ର, ଶନିବାରରେ ଅର୍ଥପ୍ରାପ୍ତି ଯୋଗ ରହିଛି । ଆବଶ୍ୟକତାଠାରୁ ଅଧିକ ଆଶା କରନ୍ତୁ ନାହିଁ ।


**ବୃଷ**


ରବି, ସୋମ, ମଙ୍ଗଳବାରରେ ଆବଦ୍ଧଯୋଗ ଦେଖାଦେଇପାରେ । ଅନ୍ୟକୁ ଦେଇଥିବା କଥା ରକ୍ଷା କରିବାକୁ ପଡ଼ିବ । ବୁଧ, ଗୁରୁବାରରେ କାର୍ଯ୍ୟରେ ସଫଳତା ପାଇବେ । ଶୁକ୍ର, ଶନିବାରରେ ନିଜ ନିଷ୍ପତ୍ତିରେ ପରିବର୍ତ୍ତନ କରିବେ । ବ୍ୟବସାୟିକ ଶୁଭଫଳ ମିଳିବ ।


**ମିଥୁନ**

ରବି, ସୋମ, ମଙ୍ଗଳବାରରେ ସମାଜରେ ପ୍ରତିଷ୍ଠିତ ହେବା ପରି କାର୍ଯ୍ୟ କରିବେ । ବୁଧ, ଗୁରୁବାରରେ ଲୋକପ୍ରିୟତା ପାଇବେ । ଶୁକ୍ର, ଶନିବାରରେ ବ୍ୟବସାୟରେ ମନ୍ଥରତା ଦେଖାଦେବ । ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହେବେ ।


**କର୍କଟ**

ରବି, ସୋମ, ମଙ୍ଗଳବାରରେ ପରିଶ୍ରମ ଅନୁସାରେ ଫଳ ପାଇବେ । କର୍ମକ୍ଷେତ୍ରରେ ଉଚ୍ଚଅଧିକାରୀଙ୍କ ସହଯୋଗ ପାଇବେ । ବୁଧ, ଗୁରୁବାରରେ ଅଭାବ ଅସୁବିଧା ଦୂର ହେବ । ଶୁକ୍ର, ଶନିବାରରେ ଆର୍ଥିକ ଉନ୍ନତି ପରିଲକ୍ଷିତ ହେବ । ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ପାଇବେ ।


**ସିଂହ**

ରବି, ସୋମ, ମଙ୍ଗଳବାରରେ ଧନସମ୍ମାନ ପ୍ରାପ୍ତି ହେବ । କ୍ୟାରିୟରରେ ଉନ୍ନତି କରିବେ । ବୁଧ, ଗୁରୁବାରରେ ଅଯଥା ଖର୍ଚ୍ଚ କରି ଆର୍ଥିକ ଚାପର ଶିକାର ହେବେ । ଶୁକ୍ର, ଶନିବାରରେ ଗୁରୁଜନଙ୍କ ପରାମର୍ଶରେ କାର୍ଯ୍ୟ କରିବେ । ବନ୍ଧୁ ଆଗମନରେ ଉତ୍ସାହିତ ହେବେ ।


**କନ୍ୟା**

ରବି, ସୋମ, ମଙ୍ଗଳବାରରେ ସମାଜରେ ପ୍ରତିଷ୍ଠା ବୃଦ୍ଧିପାଇବ । ଭାବନାକୁ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ । ବୁଧ, ଗୁରୁବାରରେ ଭବିଷ୍ୟତ ଯୋଜନା ଫଳପ୍ରସୂ ହେବ । ଶୁକ୍ର, ଶନିବାରରେ ବୁଦ୍ଧି ବିବେକ ଅନୁସାରେ କାର୍ଯ୍ୟ ହାସଲ କରିବେ । ପାରିବାରିକ ଜୀବନ ସୁଖମୟ ରହିବ ।


**ତୁଳା**

ରବି, ସୋମ, ମଙ୍ଗଳବାରରେ ଅଯଥା ବ୍ୟୟ ବଢ଼ିବାକୁ ଲାଗିବ । କର୍ମକ୍ଷେତ୍ରରେ ଅବହେଳା କରି ଅପମାନିତ ହୋଇପାରନ୍ତି । ବୁଧ, ଗୁରୁବାରରେ ନୂତନ ଦ୍ରବ୍ୟାଦି ଲାଭ କରିବେ । ଶୁକ୍ର, ଶନିବାରରେ ପ୍ରେମ ଓ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ନୂତନ ନିବେଶ କରି ଲାଭାନ୍ୱିତ ହେବେ ।


**ବିଛା**

ରବି,ସୋମ,ମଙ୍ଗଳବାରରେ ଅକସ୍ମାତ୍ ସାହାଯ୍ୟ ସହଯୋଗ ପାଇବେ । ନୂତନ ନିଯୁକ୍ତି ସୁଯୋଗ ରହିଛି । ବୁଧ, ଗୁରୁବାରରେ ସମସ୍ୟାକୁ ଭୁଲି ଖୁସି ରହିବାକୁ ଚେଷ୍ଟା କରନ୍ତୁ । ଶୁକ୍ର, ଶନିବାରରେ ପଡ଼ୋଶୀଙ୍କ ସହ ସମ୍ପର୍କରେ ନିବିଡ଼ତା ଦେଖାଦେବ । ଆତ୍ମବିଶ୍ୱାସ ସହ କାର୍ଯ୍ୟ କରି ସୁଫଳ ପାଇବେ ।


**ଧନୁ**

ରବି, ସୋମ, ମଙ୍ଗଳବାରରେ ଗୁରୁଜନଙ୍କ ସହଯୋଗ ପାଇବେ । ଯଥାସମୟରେ କାର୍ଯ୍ୟ କରି ପ୍ରଶଂସିତ ହେବେ । ବୁଧ, ଗୁରୁବାରରେ ପାରିବାରିକ ସମସ୍ୟାରେ ଦୁଃଖ ପାଇପାରନ୍ତି । ଶୁକ୍ର, ଶନିବାରରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ । ପୁରୁଣା କଥାକୁ ନେଇ ଚିନ୍ତିତ ରହିପାରନ୍ତି ।


**ମକର**

ରବି, ସୋମ, ମଙ୍ଗଳବାରରେ ଚଳଚଞ୍ଚଳ ରହିବେ । ଶତ୍ରୁଙ୍କ କୂଟଚକ୍ରାନ୍ତର ଶିକାର ହୋଇପାରନ୍ତି । ବୁଧ, ଗୁରୁବାରରେ ଆଧ୍ୟାତ୍ମିକ ଚିନ୍ତାରେ ସମୟ ଅତିବାହିତ କରିବେ । ଶୁକ୍ର, ଶନିବାରରେ ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇପାରେ । ବନ୍ଧୁବାନ୍ଧବଙ୍କ ସହ ସମ୍ପର୍କରେ ନିବିଡ଼ତା ଆସିବ ।


**କୁମ୍ଭ**

ରବି, ସୋମ,ମଙ୍ଗଳବାରରେ ସନ୍ତାନସନ୍ତତିଙ୍କ ପାଇଁ ଚିନ୍ତିତ ରହିବେ । କର୍ମକ୍ଷେତ୍ରରେ ଉତ୍ସାହର ସହ କାର୍ଯ୍ୟ କରନ୍ତୁ । ବୁଧ, ଗୁରୁବାରରେ ବିଭିନ୍ନ କାର୍ଯ୍ୟରେ ସଫଳତା ପାଇବେ । ଶୁକ୍ର,ଶନିବାରରେ ନିଜ ଇଚ୍ଛାରେ କାର୍ଯ୍ୟ କରିବାକୁ ପସନ୍ଦ କରିବେ । ବ୍ୟବସାୟ ଲାଭଜନକ ରହିବ ।


**ମୀନ**

ରବି, ସୋମ, ମଙ୍ଗଳବାରରେ ଅଜଣା ବ୍ୟକ୍ତି ନିଜର ହୋଇପାରନ୍ତି । ଧର୍ମାଦି କାର୍ଯ୍ୟରେ ମନ ରହିବ । ବୁଧ, ଗୁରୁବାରରେ ସମସ୍ୟାର ସମାଧାନ କରିବାରେ ସଫଳ ହେବେ । ଶୁକ୍ର, ଶନିବାରରେ ସ୍ୱାର୍ଥପର ବ୍ୟକ୍ତିଙ୍କଠାରୁ ଦୂରେଇ ରୁହନ୍ତୁ । ମନୋରଞ୍ଜନ କାର୍ଯ୍ୟରେ ବ୍ୟସ୍ତ ରହିବେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com



# ବର୍ଷା ରାଣୀ



ଡକ୍ଟର ଦ୍ୱିତୀ ଚନ୍ଦ୍ର ସାହୁ

ମୁଣ୍ଡ ଫଟା ଖରା । ଗମଗମ ଝାଳ । ତତଲା ପରିବେଶ । ସମସ୍ତେ କାତର ବୁନ୍ଦାଏ ଜଳ ପାଇଁ । ଚାରିଆଡ଼େ ଶୁଷ୍କ ପରିବେଶ । ବର୍ଷା ପାଇଁ ସମସ୍ତେ ଆତୁର । ଚଷାପୁଅ ଗୋଡ଼ ଟେକି ବସିଥାଏ । ବାରମ୍ବାର ଗାଁ ମୁଣ୍ଡକୁ ଆସି ମେଘକୁ ଠଉରାଏ । ମଣ୍ଡପରେ ବସି ଆଲୋଚନା ଚାଲେ ବର୍ଷାର ଗତିବିଧି ଉପରେ । ଆଉ ଯେତେବେଳେ ଆକାଶରେ ମେଘ ଛାଇଯାଏ, ସେତିକିବେଳେ ପୁଳାଏ ଖୁସି ପହିଲି ବର୍ଷା ହୋଇ ଝରିଯାଏ । ମଣିଷ, ପଶୁ, ପକ୍ଷୀ, ପ୍ରକୃତି ଆନନ୍ଦରେ ନାଚି ଉଠନ୍ତି । ପହିଲି ବର୍ଷାରେ ଭିଜି ଭିଜି ଅନେକ ବର୍ଷାକୁ ସ୍ୱାଗତ କରନ୍ତି । ସବୁଠି ଯେମିତି ଜୀବନ ସଂଚରି ଯାଏ । ବର୍ଷା ସହ ପ୍ରକୃତି ତାହାର ପୂର୍ଣ୍ଣ ଶୃଙ୍ଗାର ଧରି ଆସେ । ଧରିତ୍ରୀ ନୂଆ ସବୁଜ ପୋଷାକ ପିନ୍ଧି ଶୋଭା ବର୍ଦ୍ଧନ କରେ । ବର୍ଷା ଋତୁ ବହୁତ ସୁନ୍ଦର ଏବଂ ଶାନ୍ତ ଲାଗେ ।

## ବର୍ଷାର ନିଆରା ଅନୁଭବ

ବର୍ଷାର ପ୍ରଥମ ଛୁଆଁରେ ସମଗ୍ର ଜୀବଜଗତ ତଲ୍ଲୀନ ହୋଇଉଠେ । ବର୍ଷାର ଆଗମନରେ ପ୍ରକୃତି ରାଣୀ ଉଲ୍ଲସିତ ହୋଇଉଠେ । ଗଛପତ୍ର ହାଲକା ପବନରେ ଦୋହଲିଯାନ୍ତି । ପତ୍ର ଦେହରେ ମୁକ୍ତାର ଭ୍ରମ ସୃଷ୍ଟି କରୁଥିବା ଠୋପା ଠୋପା ବର୍ଷା ବିନ୍ଦୁ ଝରିପଡ଼େ ତଳକୁ । ପରିବେଶ ସବୁଜ ଏବଂ ମନୋରମ ହୋଇଯାଏ । ବର୍ଷା ସହିତ ଶୁଷ୍କ ପୃଥିବୀ ଜୀବନ୍ତ ହୋଇଯାଏ । ପୋଖରୀ, ଝରଣା ଏବଂ ନଦୀ ଫୁଲିବାକୁ ଆରମ୍ଭ କରେ । କ୍ଷେତଗୁଡ଼ିକ ନୂତନ ଧାନ ଗଜା ହେବା ସହିତ ସବୁଜ ହୋଇଯାଏ । କୋଇଲି, ଭଦଭଦଳିଆ, ମୟୂର ପରି ପକ୍ଷୀମାନେ ସ୍ନିଗ୍ଧ ଧ୍ୱନିରେ ପରିବେଶକୁ ମନୋହର କରନ୍ତି । ମେଘର ଗର୍ଜନ, ବିଦ୍ୟୁତ ଚମକ, ଘଡ଼ଘଡ଼ି ଓ ଧାରାବାହିକ ବର୍ଷା ଏହି ଋତୁର ମୁଖ୍ୟ ବୈଶିଷ୍ଟ୍ୟ । ବର୍ଷା ଭିଜା ମାଟିର ବାସ୍ନା ଭିନ୍ନ ଜଗତକୁ ନେଇଯାଏ ମଣିଷକୁ । ଚିତ୍ରକର, ସାହିତ୍ୟିକଙ୍କୁ ନୂଆ ସର୍ଜ୍ଜନା ପାଇଁ ଇନ୍ଧନ ଯୋଗାଏ । ଝରିପଡ଼େ ବର୍ଷା କବିର କଲମ ମୁନରେ ଶବ୍ଦ ରୂପରେ । ପ୍ରେମିକ-ପ୍ରେମିକା ଭିତରେ ଏକାତ୍ମ ଭାବ ଜାଗରିତ କରାଏ ବର୍ଷା । ତଲାରୀ, ଛତା, ରେନ୍ କୋଟ ଭିତରେ ମଣିଷ ଆହୁରି ଉତ୍‌ଫୁଲ୍ଲିତ ହୋଇପଡେ । କୁନିପିଲାଟି ରଫ୍‌ଖାତା ଚିରି ନିଜେ ଭିଜି ଭିଜି କାଗଜ ଡଙ୍ଗା ଭସାଏ । ପିଲାଦିନର ସ୍ମୃତିକୁ ପ୍ରତିଥର ତାଜା କରେ ଏଇ ବର୍ଷା । ଭାବୁକ କରିଦିଏ ସମସ୍ତଙ୍କୁ ।



## ବର୍ଷାର ଆଗମନ

ଆମ ଦେଶର ଜଳବାୟୁ ଉଷ୍ମ ଓ ଆର୍ଦ୍ର । ଦକ୍ଷିଣ-ପଶ୍ଚିମ ମୌସୁମ ବାୟୁ ଜୁନ୍‌ରୁ ସେପ୍‌ଟେମ୍ବର ପର୍ଯ୍ୟନ୍ତ ମେଘକୁ ବହନ କରେ । ଏହି ଋତୁରେ ମୁଷଳଧାରରେ ବର୍ଷା ହୁଏ । ଭାରତର ରାଜସ୍ଥାନରେ ସବୁଠାରୁ କମ୍ ବର୍ଷା ହୁଏ, ତେବେ ମେଘାଳୟରେ ପ୍ରତିବର୍ଷ ସର୍ବାଧିକ ବର୍ଷା ହୁଏ । ପ୍ରତିବର୍ଷ ୩ ରୁ ୪ ମାସ ପାଇଁ ଆମେ ଆମର ବର୍ଷା ଋତୁ ଉପଭୋଗ କରୁ ।



କେରଳକୁ ପ୍ରଥମେ ମୌସୁମୀ ଛୁଇଁଥାଏ । ଦୀର୍ଘ ଉପକୂଳବର୍ତ୍ତୀ ଅଞ୍ଚଳ ହେତୁ ଓଡ଼ିଶାର ଜଳବାୟୁ ସମୁଦ୍ର ଦ୍ୱାରା ବହୁ ପରିମାଣରେ ପ୍ରଭାବିତ । ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶା ହେତୁ ଏଠାରେ ମୌସୁମୀ ଋତୁରେ ଯଥେଷ୍ଟ ପରିମାଣରେ ବର୍ଷା ହୋଇଥାଏ । ମୌସୁମୀ ବର୍ଷା ଏହି ଅଞ୍ଚଳର ଜଳସମ୍ପଦକୁ ପୂରଣ କରିବା ଏବଂ କୃଷିକର୍ମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ବର୍ଷା ଋତୁରେ ଓଡ଼ିଶାରେ ବନ୍ୟା, ଭୂସ୍ଖଳନ, ବାତ୍ୟା ଦେଖାଦେଉଛି । ତଥାପି ବର୍ଷା ଋତୁରେ ଓଡ଼ିଶାର ସବୁଜିମା, ମନୋରମ ଜଳପ୍ରପାତ ଏବଂ ବର୍ଷର ଏହି ସମୟରେ ସ୍ପନ୍ଦନଶୀଳ ସଂସ୍କୃତି ଜୀବନ୍ତ ହୋଇଉଠେ । ବର୍ଷା ଋତୁରେ ଆକାଶରେ ଇନ୍ଦ୍ରଧନୁ ଦେଖାଯାଏ । ଏହି ମାସରେ ଆକାଶରେ ଖଣ୍ଡ ଖଣ୍ଡ ମେଘ ଦେଖାଯାଏ । ପ୍ରକୃତି ସବୁଜିମାରେ ସୁନ୍ଦର ଲାଗେ ।





## ଚଷାପୁଅର ଅପେକ୍ଷା

ପହିଲି ବର୍ଷା ପୂର୍ବରୁ ଗାଁରେ ନିଜର ଲଙ୍ଗଳ, ସାର୍ଢୁ, ମହି, ପାଟିଆ, କୁର୍ଲି ସବୁକୁ ସଜାଡ଼ି ଦେଇଥାଏ ଚଷାପୁଅ । ଅପେକ୍ଷା ଥାଏ ବର୍ଷାକୁ । ପହିଲି ବର୍ଷା ମାଟିକୁ ସ୍ୱର୍ଶ କରିବା କ୍ଷଣି କୃଷକ ବସିବା ଜାଗାରୁ ଉଠି ବିଲ ମୁହାଁ ହୁଏ । ତଳିଘରା ପ୍ରସ୍ତୁତ କରି ବିହନ ବୁଣେ । ଗୋଟି ଗୋଟି କରି ତଳି ବିଡ଼ାରୁ ଚାରା ଟାଣି ରୋଇ ଦିଅନ୍ତି ମହିଳା ଶ୍ରମଜୀବୀ । ତାରି ଭିତରେ ହଳିଆ ନିଜର ସୁର ଟାଣେ । ତାକୁ ପାଳିଆ ଧରି ମହିଳା ଶ୍ରମଜୀବୀମାନେ ତଳାରି ଭିତରେ ପାରମ୍ପରିକ ଗୀତ ଗାଇ ଚାଲନ୍ତି । ଟୁପରୁ ଟାପୁରୁ ବର୍ଷା ସହ ବିଜୁଳି ଘଡ଼ଘଡ଼ି ଗୀତକୁ ଆହୁରି ଆମୋଦିତ କରାଏ । କାଦୁଅ ଜମି ଭିତରେ ତଳାରି ଓ ପାଛିଆ ଭିତରେ କାମ କରୁଥିବା ଚାଷୀ ଓ ତାର ପରିବାର ଖୁବ ସୁନ୍ଦର ଦେଖାଯାନ୍ତି । ଘାସ ଗାଲିଚାରେ ପାଟପୋକ (ସାଧବ ବୋହୂ) ଘୂରି ବୁଲନ୍ତି । ହିଡ଼ର କୋଉ କୋଣର ବୁଦାମୂଳେ ଥିବା ବୁଢ଼ା ବେଙ୍ଗର କେଁ କଟର କରି ଚଷା ପୁଅର ଗୀତକୁ ଯେମିତି ସମର୍ଥନ କରନ୍ତି । ଚାହୁଁ ଚାହୁଁ ଧୂସର ପୃଥିବୀ ସବୁଜ ଚାଦର ଭିତରେ ଘୋଡ଼େଇ ହୋଇଯାଏ । ପାହାଡ଼ ପର୍ବତରେ ସବୁଜିମା ମାଡ଼ି ବସେ । କମନୀୟ ପୃଥିବୀ ଆହୁରି ମନଲୋଭା ହୋଇଯାଏ ।

## ସଂସ୍କୃତିରେ ବର୍ଷା

ରଜ ଆମ ଓଡ଼ିଶାର ଏକ ଗଣ ପର୍ବ । ବସୁମତୀକୁ ପୂଜା କରାଯାଏ । ଏହା ଅନ୍ୟତ୍ର ବିରଳ । ସେଭଳି ଆଷାଢ଼ରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ରଥଯାତ୍ରା ଆମ ଓଡ଼ିଆ ସଂସ୍କୃତିର ଏକ ଅବିଚ୍ଛେଦ ଅଙ୍ଗ । ପତିତଜନଙ୍କ ଲାଗି ସ୍ୱୟଂ ଠାକୁର ମନ୍ଦିର ଛାଡ଼ି ଭକ୍ତଙ୍କ ନିକଟକୁ ଆସିବା ଏକ ଦୁର୍ଲ୍ଲଭ ମୁହୂର୍ତ୍ତ ବୋଲି ବିବେଚନା କରାଯାଉଛି । ଶ୍ରାବଣରେ ଶିବଙ୍କ ପୂଜା ହୁଏ । ଜଳାଭିଷେକ ହୁଏ । ଶ୍ରାବଣ ପୂର୍ଣ୍ଣିମା ଆମ ଓଡ଼ିଆ ସଂସ୍କୃତିର ଆଉ ଏକ ମହତ୍ୱପୂର୍ଣ୍ଣ ପର୍ବ । ହଳଧରଙ୍କୁ ପୂଜା କରାଯାଏ । ଲଙ୍ଗଳ ଆଦି କୃଷି ଉପକରଣକୁ ଘରେ ଘରେ ପୂଜା କରାଯାଏ । ଗହ୍ମା ଡିଆଁ ହୁଏ । ରକ୍ଷା ବନ୍ଧନ ପାଳନ ହୁଏ । ରୋଗପୋକ ଦାଉରୁ ରକ୍ଷା ଲାଗି ଚିତଉ ଅମାବାସ୍ୟ ପାଳନ ହୁଏ । ଚିତଉକୁ ବିଲରେ ପୋତି ମାଟି ମାଆକୁ ପୂଜା କରାଯାଏ । ଭାଦ୍ରବ ଚତୁର୍ଥୀରେ ଘରେ ଘରେ ଓ ଗଳି ଗଳିରେ ଗଜାନନଙ୍କ ପୂଜା ଧୁମଧାମରେ ପାଳନ ହୁଏ।





ତାପରେ ପରେ ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ଅନୁଷ୍ଠାନରେ ପାଳନ ହୁଏ ବିଶ୍ୱକର୍ମାଙ୍କ ପୂଜା । ସେହିପରି ବର୍ଷା ଲାଗି ଇନ୍ଦ୍ର ଦେବତାଙ୍କୁ ବି ପୂଜା କରାଯାଏ । ବର୍ଷାଭାବକୁ ଏଡ଼ାଇ ବର୍ଷା ହେବା ପାଇଁ ଗିରିଗୋବର୍ଦ୍ଧନ ପୂଜା, ବେଂଗ ନାନୀର ବାହାଘର, ବୁଢ଼ି ଠାକୁରାଣୀଙ୍କୁ ପାଣିରେ ବୁଡ଼ାଇ ରଖିବା ଭଳି ପରଂପରା ଗାଁରେ ପାଳନ କରାଯାଏ। ଏହାଦ୍ୱାରା ବର୍ଷା ହୋଇଥାଏ ଏବଂ ମରୁଡ଼ିରୁ ରକ୍ଷା ମିଳେ ବୋଲି ବିଶ୍ୱାସ ରହିଛି । ସେହିପରି କ୍ରମାଗତ ଝଡ଼ି ବର୍ଷାକୁ ରୋକିବାକୁ ଓଡ଼ିଶାରେ ଭିନ୍ନ ଏକ ପ୍ରଥା ପାଳନ କରାଯାଉଥିବା ଜନଶ୍ରୁତିରେ ରହିଛି । ଝଡ଼ିବର୍ଷାରୁ ମୁକ୍ତି ପାଇଁ ପୁରୁଷ ଲୋକ ଉଲଗ୍ନ ଅବସ୍ଥାରେ ନିକାଞ୍ଚନ ଅଞ୍ଚଳରେ ଲିଭିଲା ଦୀପକୁ ମାଟିରେ ପୋତିଲେ ଝଡ଼ି ବର୍ଷା ବନ୍ଦ ହୋଇଯାଏ ବୋଲି ଦୃଢ଼ ବିଶ୍ୱାସ ରହିଛି । ସେହିପରି ଜନଜାତି ସଂସ୍କୃତିରେ ବର୍ଷାକୁ ନେଇ ରହିଛି ଅନେକ ପ୍ରଥା ଓ ପରଂପରା । ଜନଜାତି ଲୋକେ ପ୍ରଥମେ ବିହନ ପରବ ପାଳନ କରି ଜମିରେ ପୂଜା ହୋଇଥିବା ବିହନ ପକାଇଥାନ୍ତି । ଏହାଦ୍ୱାରା ଭଲ ଗଛ ହୋଇଥାଏ ବୋଲି ବିଶ୍ୱାସ । ସେହିପରି ପୋଡୁଚାଷ ପୂର୍ବରୁ ଡଙ୍ଗର ପୂଜା କରିଥାନ୍ତି । ମାଣ୍ଡିଆ ତଳି ରୋପଣ ପୂର୍ବରୁ କନ୍ଧ ଜନଜାତିର ଲୋକ ମାଣ୍ଡିଆ ରାଣୀ ପରବ ପାଳନ କରିଥାନ୍ତି । ଝରଣା, ନାଳ ଆଦି ଜଳଧାରାଗୁଡ଼ିକରେ ଗଙ୍ଗା ପୂଜନ କରିଥାନ୍ତି। ସେହିପରି ଜନଜାତି ଲୋକେ ରୋଗପୋକ ଦାଉରୁ ଫସଲକୁ ରକ୍ଷା ଲାଗି ପିଡ଼ିକା ପରବ ପାଳନ କରୁଥିବା ବେଳେ ବର୍ଷା ଋତୁରେ ନୂଆ ମକା ଖାଇବା ଲାଗି ମକା ନୂଆ ଖିଆ ପାଳନ କରନ୍ତି। କନ୍ଧ ଜନଜାତିର ଲୋକେ ରାକୁସ ପୂଜା କରନ୍ତି । ଜନମାନସରେ ମେଘକୁ ରାଜା ଓ ବର୍ଷାକୁ ରାଣୀ ବୋଲି ମଧ୍ୟ କୁହାଯାଏ । ବର୍ଷା ହେଲେ ରାଣୀ କାନ୍ଦୁଛି ବୋଲି ଅନେକ ଲୋକକଥାରେ କୁହାଯାଏ ।



## ଉଲ୍ଲସିତ ଜୀବଜଗତ

ଗ୍ରାମବାସୀ ପ୍ରାକୃତିକ ଚକ୍ର ସହିତ ଘନିଷ୍ଠ ଭାବରେ ସମନ୍ୱିତ । କୋଇଲି ଏବଂ ମୟନା ପରି ପକ୍ଷୀମାନେ ଅଧିକ ସ୍ୱର ଉଠାଇଥାନ୍ତି । ବେଙ୍ଗ ବର୍ଷା ସହିତ ତାଳ ଦେଇ କେଁ କଟର କରେ । ଝଡ଼ି ପୋକ ଘୂରି ବୁଲନ୍ତି । ଲୋକମାନେ ପ୍ରାୟତଃ ମେଘର ଢାଞ୍ଚା, କୀଟପତଙ୍ଗ ଆଚରଣ ଏବଂ ପୃଥିବୀର ଗନ୍ଧ ସହ ପରିଚିତ ବାସ୍ନା ଉପରେ ଆଧାର କରି ବର୍ଷାର ପୂର୍ବାନୁମାନ କରନ୍ତି । ତେଣୁ ଗ୍ରାମାଞ୍ଚଳରେ ବର୍ଷା ଋତୁ ନବୀକରଣ ଏବଂ କଷ୍ଟର ସମୟ । ତା' ସହ ସୌନ୍ଦର୍ଯ୍ୟ ଏବଂ ଆନନ୍ଦର ସମୟ । ବର୍ଷା କୃଷି ବର୍ଷର ପ୍ରକୃତ ଆରମ୍ଭକୁ ଚିହ୍ନିତ କରେ । ଗ୍ରାମାଞ୍ଚଳ ଜୀବନର ନୂତନ ସାଂସ୍କୃତିକ ଜୀବନକୁ ସଂରଚନା କରେ ।



## ବର୍ଷାର ଗୁରୁତ୍ୱ

ମାନବକୁ ତା'ର ରୋଗ ପ୍ରତିରୋଧକ ଶକ୍ତି ଏବଂ ପାଚନ ପ୍ରଣାଳୀକୁ ବଜାୟ ରଖିବା ପାଇଁ ମଧୁର ଜଳ ଆବଶ୍ୟକ । ମାନବ ଶରୀରର ବିଷାକ୍ତ ପଦାର୍ଥ ମୂତ୍ର ଏବଂ ଝାଳ ଆକାରରେ ବାହାରକୁ ଆସେ । ସମସ୍ତ ଉଦ୍ଭିଦ, ଘାସ, ଗଛ ଏବଂ ଫୁଲକୁ ବଂଚିବା ଏବଂ ସମୃଦ୍ଧି ପାଇଁ ପାଣି ଆବଶ୍ୟକ । ଯେତେବେଳେ ବର୍ଷା ଋତୁ ଆସେ ବର୍ଷା ପାଣି ମାଟିରେ ଜମା ହୋଇଯାଏ । ଏହାକୁ ବିହନ ସେମାନଙ୍କର ବୃଦ୍ଧି ଏବଂ ପୋଷଣ ପାଇଁ ବ୍ୟବହାର କରେ । ବର୍ଷା ଋତୁ ପରିବେଶର ବାତାବରଣକୁ ପରିବର୍ତ୍ତନ କରେ । ତାପମାତ୍ରା କମ୍ ହୋଇଯାଏ ଏବଂ ପରିବେଶ ଥଣ୍ଡା ହୋଇଯାଏ । ବର୍ଷା ନଦୀ ଏବଂ ହ୍ରଦରେ ଜଳସ୍ତର ବୃଦ୍ଧି କରେ ଯାହା ଫଳରେ ପ୍ରାଣୀମାନେ ଏହି ଜଳକୁ ପିଇବା ପାଇଁ ବ୍ୟବହାର କରିପାରିବେ । ଅନେକ ଜଳଜୀବ ନବ ଜନ୍ମ ପାଆନ୍ତି । ବାଲି, ଶ୍ରାବଣ କଢ, ବାଉଁଶ ଛତୁ, ବଡ଼ା ଛତୁ ଅନେକ ଫୁଟେ । ସେହିପରି କଦମ୍ବ ଫୁଲରେ ଚଉଦିଗ ମହକିତ ହୋଇଯାଏ । ସୀତାଫଳ ଅନେକ ପନିପରିବାର ପସରା ବର୍ଷା ଆଣିଦିଏ ।



## ବର୍ଷା ଋତୁରେ ଆହ୍ୱାନ

ମୌସୁମୀ ପ୍ରକୃତରେ ପ୍ରଚଣ୍ଡ ସୂର୍ଯ୍ୟ ଏବଂ ଗରମ ଏବଂ ଶୁଷ୍କ ଜଳବାୟୁରୁ ମୁକ୍ତି ଦିଏ, କିନ୍ତୁ ଏହା ସହିତ ଅନେକ ରୋଗ ମଧ୍ୟ ଆଣେ । ପ୍ରବଳ ବର୍ଷା, ଆର୍ଦ୍ର ଜଳବାୟୁ ଏବଂ ପ୍ରବଳ ପବନ ଯୋଗୁଁ, ଲୋକଙ୍କ ମଧ୍ୟରେ ଅନେକ ସଂକ୍ରାମକ ରୋଗ ବ୍ୟାପିଥାଏ । ବର୍ଷା ଋତୁରେ କିଛି ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ହେଉଛି ସ୍ୱାଇନ୍ ଫ୍ଲୁ, ଥଣ୍ଡା, ଭାଇରାଲ୍ ଜ୍ୱର ଏବଂ ପେଟ ସଂକ୍ରମଣ । ମଶା ବର୍ଷା ଋତୁରେ ବଂଶବୃଦ୍ଧି କରନ୍ତି ଏବଂ ସେମାନେ ଡେଙ୍ଗୁ ଏବଂ ମ୍ୟାଲେରିଆ ଭଳି ରୋଗ ସଂକ୍ରମଣ କରିପାରନ୍ତି। ବନ୍ୟା, ବାତ୍ୟା ପରିସ୍ଥିତିଠାରୁ ଦୂରେଇ ରହିବା ଭଲ । ହଇଜାଠାରୁ ଦୂରରେ ରହିବା ପାଇଁ ବିଶୁଦ୍ଧ ପାନୀୟ, ଗରମ ଖାଦ୍ୟ ଖାଇବା ଜରୁରି । ବିଶେଷକରି ବଜ୍ରାଘାତରୁ ମୁକ୍ତି ପାଇଁ ଗଛମୂଳଠାରୁ ଦୂରରେ ନିରାପଦ ଆଶ୍ରୟସ୍ଥଳରେ ରହିବା ସହ ସରକାରଙ୍କ ଆଗୁଆ ପାଣିପାଗ ସୂଚନାକୁ ଅନୁପାଳନ କରିବା ଆବଶ୍ୟକ । ଏସବୁ ସତ୍ତ୍ୱେ ବର୍ଷା ଋତୁ ସକଳ ଜୀବଜଗତ ପାଇଁ ଅତି ଆବଶ୍ୟକ । ସେଥିପାଇଁ କବି ଲେଖିଛନ୍ତି –

*"ବର୍ଷାକାଳ ଅଟେ ମଙ୍ଗଳକାରୀ*
*ପାଳଇ ପରଜାଙ୍କୁ ବରଷି ବାରି ॥"* ■



## ସାଧବ ବୋହୂର ଆକର୍ଷଣ

ସାଧବ ବୋହୂକୁ ଓଡ଼ିଶାର ଗ୍ରାମାଞ୍ଚଳରେ ପାଟ ପୋକ ବୋଲି କହନ୍ତି । ଏହା ପଛରେ ବି କାରଣ ରହିଛି । ରେଶମୀ ବସ୍ତ୍ର ମୁଖ୍ୟତଃ ବହୁତ ମୁଲାୟମ ହୋଇଥାଏ । ସେମିତି ସାଧବ ବୋହୂ ବି ନରମ ଓ ମୁଲାୟମ ଲାଗେ । ସାଧାରଣତଃ ପାଟର ରଙ୍ଗ କହିଲେ ଲାଲ ରଙ୍ଗର ପାଟ ବସ୍ତ୍ରକୁ ବୁଝାଇଥାଏ । ଅନ୍ୟପକ୍ଷରେ ପାଟ ବସ୍ତ୍ରର ଓଢ଼ଣା ଦେଇଥିବା ଓଡ଼ିଆ ନାରୀ ଯେମିତି ଖୁବ୍ ସୁନ୍ଦର ସେମିତି ସାଧବ ବୋହୂ ଦେଖିବାକୁ ସୁନ୍ଦର । ସେଥିପାଇଁ ସାଧବ ପୋକ ବା ପାଟ ପୋକ ବୋଲି କୁହାଯାଏ । ବର୍ଷା ଦିନର ଆଗମନ ପରେ ସମଗ୍ର ପୃଥିବୀରେ ଶୀତଳତା ସଂଚରି ଯାଏ । ଚାରିଆଡେ ସବୁଜିମା ଧାରଣ କରେ । ଏହି ସମୟରେ ମାଟି ଭିତରେ ଥିବା ପାଟ ପୋକ ଉପରକୁ ବାହାରନ୍ତି । ଟୁକୁରୁ ଟୁକୁରୁ ପାଦରେ ଘାସ ଗଲିଚାରେ ଘୁରି ବୁଲନ୍ତି । ଛୋଟ ପିଲାମାନେ ଏହାକୁ ହାତରେ ଧରିବାକୁ ଭଲ ପାଆନ୍ତି । ତାକୁ ଛୁଇଁବା ମାତ୍ରକେ ତା'ର ଗୋଡ଼ ସବୁ ବନ୍ଦ ହୋଇଯାଏ ଏବଂ ସେ ନିଶ୍ଚଳ ହୋଇ ପଡ଼ି ରହେ । କୋଳାହଳ ଓ ଶବ୍ଦ କମିବା ଅନୁଭବ କଲେ ସେ ପୁଣି ଗୋଡ଼ ମେଲି ଚାଲିବା ଆରମ୍ଭ କରେ । ସେ ଯେପରି ସୁନ୍ଦର ତାର ଚାଲି ମଧ୍ୟ ଅତ୍ୟନ୍ତ କମନୀୟ ଲାଗେ । ତା'ର ଚାଲି ଦେଖିବାକୁ ପିଲା କାହିଁକି ଯେ କେହି ଅପଲକ ନୟନରେ ଚାହିଁ ରହିଥାନ୍ତି । ତେବେ ପରିବେଶ ନଷ୍ଟ ଓ ମାଟିରେ ରାସାୟନିକ ସାରର ପ୍ରୟୋଗ ହେତୁ ସାଧବ ବୋହୂ ସଂଖ୍ୟା କମି ଆସୁଛି । ଖୁବ ଶୀଘ୍ର ଏହି ଜୀବ ଲୋପ ପାଇ ଯିବାର ସମ୍ଭାବନା ବି ଦେଖା ଦେଇଛି ।





ଭାସ୍କର ପରିଚ୍ଛା



# ଆସନ୍ତେ ବର୍ଷାକାଳ

## କୃଷକଙ୍କ ପାଇଁ ଆଶୀର୍ବାଦ

ବର୍ଷା ଋତୁ ଚାଷୀମାନଙ୍କ ପାଇଁ ଆଶୀର୍ବାଦ ସଦୃଶ। କାରଣ ଏହା ସେମାନଙ୍କୁ ଫସଲ ଉତ୍ପାଦନରେ ସାହାଯ୍ୟ କରେ। ଓଡ଼ିଶାରେ ବର୍ଷାର ଗଭୀର ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଅର୍ଥ ରହିଛି। ଏହା ରାଜ୍ୟର କୃଷିପ୍ରଧାନ ସମାଜ ଏବଂ ଧାର୍ମିକ ପରମ୍ପରାର ମୂଳ ଆଧାର। ବର୍ଷାକୁ ଏକ ଦିବ୍ୟ ଆଶୀର୍ବାଦ ଭାବରେ ଦେଖାଯାଏ। ଏହା ଜୀବନଧାରଣ, ଜୀବନ ଏବଂ ଋତୁ ପରିବର୍ତ୍ତନର ପ୍ରତୀକ। ବର୍ଷା ଭଗବାନ ଇନ୍ଦ୍ରଙ୍କ ଭଳି ଦେବତା ଏବଂ ରଜ ଭଳି ପର୍ବ ସହିତ ଜଡ଼ିତ। ଓଡ଼ିଶା ଏକ ଉପକୂଳବର୍ତ୍ତୀ ରାଜ୍ୟ। ନିସର୍ଗ ସୁଷମାର ଗନ୍ତାଘର ଓଡ଼ିଶା ବିଧାତାର ଇଙ୍ଗିତରେ ସତେ ଯେପରି ସୁଖଦୁଃଖ, ଘାତପ୍ରତିଘାତ, ଯାତନା ଯନ୍ତ୍ରଣା, ଉତ୍‌ଥାନ ପତନକୁ ଆପଣାର କରି ନେଇଛି। ଓଡ଼ିଶାର ନାନ୍ଦନିକ ପ୍ରକୃତି ଓଡ଼ିଶାବାସୀଙ୍କୁ କେତେବେଳେ ଆହ୍ଲାଦିତ କରେ ତ କେତେବେଳେ ପ୍ରଳୟଙ୍କରୀ କରାଳ ତାଣ୍ଡବରେ ଅନ୍ତରରେ ଭୀତି ସଞ୍ଚାର କରେ। ବନ୍ୟା, ବାତ୍ୟା, ଦୁର୍ଭିକ୍ଷ, ମରୁଡ଼ି ଆଦି ଦୈବୀପାକ କବଳରେ କବଳିତ ଓଡ଼ିଶା। ତେଣୁ ଉତ୍କଳ ଭୂମି ସବୁବେଳେ ଦରିଦ୍ରର କଷାଘାତରେ ମ୍ରିୟମାଣ ହୋଇ ଆସିଛି।

## ପୂର୍ଣ୍ଣଗର୍ଭା ନଦୀ

ଓଡ଼ିଶାରେ ଅନେକ ପ୍ରଧାନ ନଦୀ, ଉପନଦୀ ଓ ଶାଖାନଦୀ ପ୍ରବାହିତ ହେଉଛି। ଘଞ୍ଚ ଅରଣ୍ୟାନୀ ମଧ୍ୟରୁ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ଋଷିକୁଲ୍ୟା, ବଂଶଧରା ଆଦି ନଦୀଗୁଡ଼ିକ ନିର୍ଗତ ହୋଇ ସେମାନଙ୍କର ପ୍ରବାହମାନ ଜଳଧାରାରେ ଉତ୍କଳର ସମତଳ ଅଞ୍ଚଳକୁ ସୁଜଳା, ସୁଫଳା, ଶସ୍ୟଶ୍ୟାମଳା କରି ସବୁଜଶ୍ରୀରେ ମଣ୍ଡିତ କରି ଆସିଛନ୍ତି।

ଓଡ଼ିଶାର ଅର୍ଥନୀତି ପ୍ରଚୁର ପରିମାଣରେ ବର୍ଷା ଉପରେ ନିର୍ଭର କରେ ଏବଂ ଏହାର ସାଢ଼େ ଚାରି କୋଟି ଜନସଂଖ୍ୟାର ଏକ ଗୁରୁତ୍ୱପୂର୍ଣ୍ଣ ଭାଗ କୃଷି ଉପରେ ନିର୍ଭରଶୀଳ। ବର୍ଷା ସିଧାସଳଖ ପ୍ରଭାବିତ କରେ ଫସଲ ଉତ୍ପାଦନକୁ। ଓଡ଼ିଶାର ମୁଖ୍ୟ ଫସଲ ଧାନ ମୌସୁମୀ ବର୍ଷା ଉପରେ ହିଁ ନିର୍ଭର କରେ।

ଦିନଥିଲା ଓଡ଼ିଶା ଭୂଖଣ୍ଡର ବିସ୍ତୀର୍ଣ୍ଣ ବକ୍ଷରେ ପ୍ରାଚୀନ ବଣିକ ତା'ର ବାଣିଜ୍ୟତରୀ ଭସାଇ ସୁଦୂର ବିଦେଶକୁ ବାଣିଜ୍ୟ ଯାତ୍ରା କରୁଥିଲା। ଓଡ଼ିଶାର ପୂର୍ବ ଗର୍ଭା ନଦୀଗୁଡ଼ିକ ଏହାର କୃଷି ତଥା ବାଣିଜ୍ୟ ପ୍ରଗତିରେ ସହାୟକ ହେଉଥିଲା। ସେହିସବୁ ନଦୀ କୂଳପ୍ଳାବନୀ ହୋଇ ବନ୍ୟାର ଦାରୁଣ ବିଭୀଷିକା ସୃଷ୍ଟି କରିବା ଯେତିକି ବାସ୍ତବ, ସେଥିରେ ଜନସାଧାରଣଙ୍କ ସୁଖ ସମୃଦ୍ଧି ପ୍ରତିହତ ହେବ ସେତିକି ସତ।

ମୌସୁମୀ ପ୍ରବାହ ଯୋଗୁଁ ଦିନ ଦିନ ଧରି ଉପରମୁଣ୍ଡରେ କ୍ରମାଗତ ବୃଷ୍ଟିପାତ ହେବା ଫଳରେ ବନ୍ୟାର ଆଶଙ୍କା ଏବଂ ପୂର୍ଣ୍ଣଗର୍ଭା ନଦୀରେ କୂଳବାସୀ ଆତଙ୍କିତ ହେବା ଏକ ସାଧାରଣ ଘଟଣା। କ୍ଷିପ୍ର ଜଳଧାର ଓ ପ୍ରଖର ସ୍ରୋତରେ ନଦୀଜଳ କୂଳଲଙ୍ଘନ କରି ଯେଉଁ ପ୍ରଳୟ ତାଣ୍ଡବ ରଚନା କରନ୍ତି ତାହାର ବର୍ଣ୍ଣନା ଅନାବଶ୍ୟକ।



**ଋତୁଚକ୍ରର ଆବର୍ତ୍ତନରେ ଗୋଟିକ ପରେ ଗୋଟିଏ ଋତୁର ଆଗମନରେ ଧରାପୃଷ୍ଠରେ ଯେଉଁ ଜୈବିକ ପରିବର୍ତ୍ତନ ଘଟେ ତାକୁ ନେଇ କେତେ ଯେ ସାହିତ୍ୟ ସୃଷ୍ଟି ହୋଇଛି ତା'ର ସୀମା ନାହିଁ। ବିଭିନ୍ନ ଋତୁ ସର୍ବଦା ମଣିଷ, କବି, ଭାବୁକ ଓ ଦାର୍ଶନିକଙ୍କ ମନରେ ମଞ୍ଜୁଳ ଅନୁଭୂତି ଆଣିଦେଇଛନ୍ତି। ମହାନ୍ ସଂସ୍କୃତ କବି କାଳିଦାସଙ୍କଠାରୁ ଆରମ୍ଭ କରି ଆଜିକାଲିର କବିଙ୍କ ପର୍ଯ୍ୟନ୍ତ ସମସ୍ତେ ବର୍ଷା, ଗ୍ରୀଷ୍ମ, ଶରତ, ହେମନ୍ତ, ଶୀତ ଓ ବସନ୍ତକୁ ନେଇ ଅଭିନବ ସୃଷ୍ଟି କରିଚାଲିଛନ୍ତି। କେବଳ କବି କାହିଁକି, ଚିତ୍ରଶିଳ୍ପୀ ଏବଂ ସଙ୍ଗୀତକାରମାନେ ମଧ୍ୟ ଦିଗ୍‌ବଳୟର ପରିବର୍ତ୍ତନକୁ ଅନୁଭବ କରିଛନ୍ତି ଏବଂ ସେମାନଙ୍କ ଭିତରେ ଯେଉଁ ସୃଜନାତ୍ମକ ପ୍ରେରଣା ଜନ୍ମ ନେଇଛି ତାହା ରାଗ ରାଗିଣୀରେ ରୂପାନ୍ତରିତ ହୋଇଛି କିମ୍ବା କ୍ୟାନ୍‌ଭାସରେ। ବିଭିନ୍ନ ଋତୁକୁ ନେଇ ଭାରତର ଏକ ବିରାଟ ଚିତ୍ର ପରମ୍ପରା ରହିଛି –ରାଗମାଳା ପେଣ୍ଟିଙ୍ଗ। ଆମର ଶାସ୍ତ୍ରୀୟ ସଙ୍ଗୀତ ମଧ୍ୟ ତା'ର ଉପସ୍ଥିତିକୁ ଜାହିର କରି ଆସିଛି ପ୍ରତ୍ୟେକ ଋତୁକୁ ନେଇ! ବର୍ଷାର ଅନୁଭବକୁ ନେଇ ଆମର ଏଇ ସ୍ୱତନ୍ତ୍ର ଉପସ୍ଥାପନା।**

## ବର୍ଣ୍ଣବିଭା ପ୍ରକୃତି

ଭାରତୀୟ ଋତୁ ଚକ୍ରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଉପଭୋଗ୍ୟ ଋତୁ ହେଉଛି ବର୍ଷା ଋତୁ। ଏହି ଋତୁ ଜୁନ୍‌ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିଥାଏ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟର ଅନନ୍ୟତାକୁ ନିଜ ଭିତରେ ବଜାୟ ରଖେ। ବର୍ଷା ବିନ୍ଦୁ ପୃଥିବୀକୁ ନୂତନ ଜୀବନଦାୟକ ଶକ୍ତି ପ୍ରଦାନ କରେ। ବର୍ଷା ଋତୁରେ ସବୁଜିମାର ଅସରନ୍ତି ଦୃଶ୍ୟ, ଗଛ ଏବଂ ଉଦ୍ଭିଦର ଜୀବନ୍ତ ପ୍ରକୃତି, ବର୍ଷାର ସୁଗନ୍ଧ ଏବଂ ମାଟିର ବାସ୍ନା ଲୋକଙ୍କୁ ବିଭୋର କରିଥାଏ। ଏହି ଋତୁରେ ମେଘ, ବିଜୁଳି ଏବଂ ଘଡ଼ଘଡ଼ିର ଶବ୍ଦ ସମସ୍ତଙ୍କୁ ବିମୋହିତ କରିଥାଏ। ବର୍ଷା ହେଉଛି ପ୍ରକୃତିର ଏକ ଆନନ୍ଦୋତ୍ସବ, ଏକ ଆହ୍ଲାଦିତ ଅବସର।



## ବନ୍ୟାପ୍ରବଣ ଓଡ଼ିଶା

ଭାରତର ସବୁଠାରୁ ବନ୍ୟାପ୍ରବଣ ରାଜ୍ୟ ମଧ୍ୟରୁ ଓଡ଼ିଶା ଅନ୍ୟତମ । ଗତ ୧୦୦ ବର୍ଷ ମଧ୍ୟରୁ ପାଖାପାଖି ୫୦ ବର୍ଷ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି ରାଜ୍ୟ । ଘୂର୍ଣ୍ଣିବଳୟ ଦ୍ୱାରା ପ୍ରାୟତଃ ପ୍ରବଳ ବର୍ଷା ହେବା ଫଳରେ ଅଧିକାଂଶ ଅଞ୍ଚଳ ଜଳବନ୍ଦୀ ଭିତରେ ରହେ ଏବଂ ଫସଲହାନି ଏଠି ଏକ ଧରାବନ୍ଧା କଥା । ବିପରୀତ ଭାବରେ, ଅନିୟମିତ ମୌସୁମୀ ବର୍ଷା ମରୁଡ଼ି ସୃଷ୍ଟି କରିଥାଏ । ଓଡ଼ିଶାରେ ବର୍ଷା ଏକ ଦୁଇ ଧାର ଖଣ୍ଡା ଭଳି । କୃଷି ଏବଂ ପରିସଂସ୍ଥା ପାଇଁ ବର୍ଷା ଏକ ଅତ୍ୟାବଶ୍ୟକ ଜୀବନଦାୟକ ଶକ୍ତି ସତ । ତଥାପି ଏହା ବନ୍ୟା, ଘୂର୍ଣ୍ଣିଝଡ଼ ଏବଂ ଆର୍ଥିକ କ୍ଷତିର ଏକ ବଡ଼ କାରଣ ମଧ୍ୟ । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପାଖାପାଖି ଚାରି ମାସ ଧରି ଓଡ଼ିଶାର ଜୀବନରେ ପ୍ରାଧାନ୍ୟ ବିସ୍ତାର କରେ, କିନ୍ତୁ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଅଣମୌସୁମୀ ବର୍ଷା ଏବଂ ଘୂର୍ଣ୍ଣିବଳୟ ଏବେ ଏକ ବଡ଼ ଆହ୍ୱାନ ହୋଇଛି । ସକ୍ରିୟ ବିପର୍ଯ୍ୟୟ ପରିଚାଳନା ଆଜି ସରକାରମାନଙ୍କ ପାଇଁ ଏକ ବଡ଼ ଆହ୍ୱାନ ।






## ବର୍ଷାର ମନୋରମ ଦୃଶ୍ୟ


ସାଂସ୍କୃତିକ ଦୃଷ୍ଟିରୁ, ବର୍ଷାକୁ ନବ ଉନ୍ମାଦନାର ପ୍ରତୀକ ଭାବରେ ପୂଜା କରାଯାଏ । ଓଡ଼ିଶାର ପର୍ବପର୍ବାଣି, ଜୀବନଧାରା ଏବଂ ସାହିତ୍ୟ ବର୍ଷା ସହିତ ଓତପ୍ରୋତ ଭାବେ ଜଡ଼ିତ । ମାନବଶାସ୍ତ୍ର ଦୃଷ୍ଟିକୋଣରୁ, ବର୍ଷା ଏପରି ଏକ ଉପାଦାନ ଯାହାକୁ ସାରା ବିଶ୍ୱର ସମସ୍ତ ମଣିଷ ନିରନ୍ତର ଭାବରେ ନିଜ ଇନ୍ଦ୍ରିୟ ମାଧ୍ୟମରେ ଅନୁଭବ କରନ୍ତି – ଘରଠାରୁ ବାହାରେ ଥିବା ସମୟରେ ତ ବେଶୀ । ବର୍ଷା କ'ଣ, ଋତୁ ପରିବର୍ତ୍ତନର କାରଣ ସବୁ କ'ଣ, ଅନୁକୂଳ ପାଗ କ'ଣ, ଖରାପ ପାଗର ବିଭିନ୍ନ ପରିସ୍ଥିତି ମଣିଷ ଉପରେ କ'ଣ ପ୍ରଭାବ ପକାଏ ଏସବୁକୁ ନେଇ ସାମାଜିକ ଏବଂ ବୈଜ୍ଞାନିକ ଭାବରେ ବିଶଦ ଜ୍ଞାନର ଉପସ୍ଥିତି ରହିଛି । ବର୍ଷା ଏପରି ଏକ ଋତୁ -ଅନୁକ୍ରମ ଯାହା ବିଷୟରେ କି ମୂର୍ଖ କି ପଣ୍ଡିତ କେହି ଆଲୋଚନାରୁ କେବେ ବି ବିରତ ହୁଅନ୍ତି ନାହିଁ ।

ଫ୍ରେଟରଙ୍କ ମତରେ ମୌସୁମୀ ଭାରତକୁ ଆସିଲା ୬୦୦ରୁ ୮୦୦ ନିୟୁତ ବର୍ଷ ତଳେ । ହିମାଳୟର ଉଦ୍‌ବୃତ୍ତ ଶିଖର ଓ ତିବ୍ବତ ମାଳଭୂମି ହିଁ ଏହାର ମୂଳ କାରଣ । ଏହି 'ପ୍ରମତ୍ତ ଉତ୍ତୋଳନ' ପୁଣି ବହୁ ନିୟୁତ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା ଯେତେବେଳେ ଉତ୍ତରାଭିମୁଖୀ ଭାରତୀୟ ଉପମହାଦେଶ ଏସୀୟ ପଟ୍ଟଳ - ସହିତ ଧକ୍କା ଖାଇଥିଲା ।

ଭାରତର ବୈଜ୍ଞାନିକମାନେ ମୌସୁମୀର ଆଗମନ ଓ ପ୍ରସ୍ଥାନକୁ କେତୋଟି ପରିମାପକ ଦ୍ୱାରା ଜାଣି ପାରିଥାନ୍ତି : ଉଷ୍ଣତା, ବାୟୁ ଏବଂ ତୁଷାର ଏହିଭଳି ୧୬ଟି ପରିମାପକୁ ନେଇ ପାଣିପାଗ ବିଶେଷଜ୍ଞମାନେ ଗଣନା କରିଥାନ୍ତି କେବେ ନିର୍ଦ୍ଦିଷ୍ଟ ଭାବରେ ମୌସୁମୀ ଆସି ପହଞ୍ଚିବ । ଏଣୁ ପ୍ରାକ୍-ମୌସୁମୀ ବର୍ଷକୁ ମୌସୁମୀ ବର୍ଷାଠାରୁ ଅଲଗା କରି ଦେଖାଯିବା ଦରକାର । ଘଡ଼ଘଡ଼ିର ଶବ୍ଦ ଧ୍ୱନି ସହିତ ମୌସୁମୀ ନିଜର ଆଗମନକୁ ପ୍ରଥମେ ଘୋଷଣା କରେ ଦକ୍ଷିଣ କେରଳର ସମୁଦ୍ର ତଟରେ । ଆପଣ ଯଦି ମୌସୁମୀର ମହାର୍ଘ, ଜୀବନ୍ତ ଓ ହୃଦୟସ୍ପର୍ଶୀ ଆଗମନର ଚିତ୍ର ଦେଖିବାକୁ ଚାହୁଁଥାନ୍ତି ତେବେ 'କୋଭଲମ' ବେଳାଭୂମିକୁ ଯିବେ ନିଶ୍ଚିତ । କୋଭଲମଠାରେ ଯେଉଁ ବତୀଘର ଅଛି, ତାହାରି ଉପରୁ ଦୃଷ୍ଟି ପ୍ରସାରିତ କଲେ ଦିଗ୍‌ବଳୟର ଆରପଟରୁ ବର୍ଷାର ସମ୍ଭାର ଓ ତା'ର ଜୀବନ୍ତ ଚିତ୍ର ଦେଖିହେବ । ସମୁଦ୍ରର ଜଳରାଶି ଓ ଆକାଶର ମେଘ ଯେତେବେଳେ ମିଳିତ ହୁଅନ୍ତି ସେତେବେଳେ ଏହା ଯୁଗପତ ଆନନ୍ଦ ଆଣିଦିଏ ମନରେ । ପ୍ରକୃତିର ଏହି ଯାଦୁକରୀ ଦୃଶ୍ୟକୁ ସମସ୍ତେ ଦେଖିଛନ୍ତି କିନ୍ତୁ ଦେଖିବା ଅପେକ୍ଷା ଅନୁଭବ କରିବା ଭଲ ।






## ସାହିତ୍ୟରେ ବର୍ଷା

ବର୍ଷା କଥା ଯେତେବେଳେ ଉଠେ ପ୍ରଥମେ କାଳିଦାସଙ୍କ 'ମେଘଦୂତମ୍' କାବ୍ୟ ହିଁ ସ୍ମରଣକୁ ଆସେ । ପ୍ରକୃତିର ଅନୁପମ ରମଣୀୟ ଦୃଶ୍ୟ ମହାକବି କାଳିଦାସଙ୍କ ହୃଦୟକୁ ଯେତେ ସୁନ୍ଦର ଭାବରେ ସ୍ପର୍ଶକରିଛି, ଅନ୍ୟ କାହାକୁ ହୁଏତ୍ ସେଭଳି କରିନାହିଁ । ବର୍ଷା ଋତୁର ଦୃଶ୍ୟ ସମ୍ଭାର ତାଙ୍କର 'ଋତୁ ସଂହାର' କାବ୍ୟରେ ବର୍ଣ୍ଣନା ଥିଲେ ହେଁ ତାହା ପୁଷ୍ପିତ ଓ ପଲ୍ଲବିତ ହୋଇ ପୁନର୍ବାର ରୂପନିଏ 'ମେଘଦୂତମ୍'ରେ । ପର୍ବତର ଅଗ୍ରଭାଗରେ ମେଘ ଖଣ୍ଡର ସଂଲଗ୍ନ ଦୃଶ୍ୟ, ବିକଶିତ ବର୍ଷାକାଳୀନ ପୁଷ୍ପରାଜି, ପୂର୍ଣ୍ଣଗର୍ଭା ନଦୀ, ବର୍ଷାକାଳର ଅବ୍ୟବହିତ ପୂର୍ବରୁ ପ୍ରଜ୍ୱଳିତ ଦାବାଗ୍ନି, ମେଘ ଦ୍ୱାରା ତାହାର ପ୍ରଶମନ – ଏ ସମସ୍ତ ଦୃଶ୍ୟ କାଳିଦାସଙ୍କୁ ଅସୀମ ଆନନ୍ଦ ଦେଇଛି ।

ଆଷାଢ଼ର ପହିଲି ମେଘ । ସେ କ'ଣ ମେଘ? କଳାହାଣ୍ଡିଆ ବଳୁଆ ହାତୀଟି କି ଆଉ! ସେ ପୁଣି ଉଡ଼ିଉଡ଼ି ଆକାଶମାର୍ଗରେ ଆସୁଛି । ଖାଲି ଉଡୁନାହିଁ ତ ସେ ହସ୍ତୀ, ପର୍ବତ ଆଗରେ ଲାଖି ରହିବାବେଳେ ଉନ୍ମତ୍ତ ହସ୍ତୀର ଉଦ୍ଦାତ୍ତ କେଳି ପରି ଦେଖାଯାଉଛି । ବର୍ଷା ଋତୁର ବିଭିନ୍ନ ପର୍ଯ୍ୟାୟର ଦୃଶ୍ୟ କବି କାଳିଦାସଙ୍କ କାବ୍ୟରେ ଏତେ ହୃଦୟସ୍ପର୍ଶୀ ହୋଇଛି ଯେ ସଂସ୍କୃତ କାବ୍ୟ ସାହିତ୍ୟରେ ଅନ୍ୟତ୍ର ତାହା ବିରଳ । ଠିକ ସେହିଭଳି ମହାନ କବି ଜୟଦେବଙ୍କ 'ଗୀତଗୋବିନ୍ଦ'ର ପ୍ରଥମ ଅଷ୍ଟପଦୀରେ ମଧ୍ୟ ବର୍ଷା ଓ ମେଘର ବର୍ଣ୍ଣନା ଅନନ୍ୟ ।

ସଂସ୍କୃତ ସାହିତ୍ୟ ବ୍ୟତିରେକେ ଇଂରାଜୀ ସାହିତ୍ୟରେ ବର୍ଷାକୁ ନେଇ ସେକ୍ସପିୟରଙ୍କଠାରୁ ଲଂଫେଲୋଙ୍କ ପର୍ଯ୍ୟନ୍ତ ସମସ୍ତେ ସେମାନଙ୍କର କାବ୍ୟିକ ଅଭିବ୍ୟକ୍ତିକୁ ପରିପ୍ରକାଶ କରିଛନ୍ତି । ଓଡ଼ିଆ ସାହିତ୍ୟରେ ବର୍ଷାର ଆବେଦନ ଖୁବ ସମୃଦ୍ଧ । ଏହା ନବୀକରଣର ପ୍ରତୀକ । ପ୍ରାୟ ସମସ୍ତ ବର୍ଷା କବିତାରେ ଏହାର ଚକ୍ରାକାର, ଜୀବନଦାୟକ ପ୍ରକୃତି ଉପରେ କବିମାନେ ଗୁରୁତ୍ୱାରୋପ କରି ଆସିଛନ୍ତି । 'ବର୍ଷା' ଋତୁକୁ ପର୍ବ, ଗୀତ ଏବଂ ନୃତ୍ୟ ମାଧ୍ୟମରେ ପାଳନ କରାଯାଏ । ଜୀବନକୁ ବଞ୍ଚାଇ ରଖିବାରେ ବର୍ଷାର ଭୂମିକା ପାଇଁ ସଚରାଚର ପ୍ରାଣୀ କୃତଜ୍ଞତା ପ୍ରକାଶ କରନ୍ତି । ଓଡ଼ିଆ ପ୍ରବାଦ ଏବଂ ଲୋକକଥାରେ ମଧ୍ୟ ବର୍ଷାର ଉପସ୍ଥିତି କିଛି କମ୍ ନୁହେ । ପ୍ରତିକୂଳ ପରିସ୍ଥିତି ମଧ୍ୟରେ ବର୍ଷା ହେଉଛି ଆଶାର ପ୍ରତୀକ । ଅତିବଡ଼ୀ ଜଗନ୍ନାଥ ଦାସ ଓଡ଼ିଆ ସାହିତ୍ୟରେ କେବଳ ଜଣେ ଉଚ୍ଚକୋଟୀର ସାଧକ ନଥିଲେ, ଥିଲେ ମଧ୍ୟ ଜଣେ ପ୍ରତିଭାସଂପନ୍ନ କବିବ୍ୟକ୍ତି । ଓଡ଼ିଶାର ଧାର୍ମିକ ଜୀବନକୁ ପରିପୁଷ୍ଟ କରିବାରେ ତାଙ୍କର ଭାଗବତ ଯେମିତି ଏକ ଅନବଦ୍ୟ ଗ୍ରନ୍ଥ, ଭାଗବତର ଦଶମ ସ୍କନ୍ଦ ଗୋପଲୀଳାରେ ବର୍ଷା ଋତୁର ଶୋଭା ବର୍ଣ୍ଣନା ସେହିଭଳି ଚମତ୍କାର ଓ ଅନବଦ୍ୟ । ସେହିପରି ପଲ୍ଲୀକବି ନନ୍ଦକିଶୋର ବଳ 'ବର୍ଷା ସନ୍ଧ୍ୟା' ଶୀର୍ଷକ କବିତାରେ ବର୍ଷାଋତୁରେ ଗାଁ ଗହଳିର ଏକ ନିଛକ ଦୃଶ୍ୟ ଆଙ୍କିଛନ୍ତି । ଅତିବଡ଼ୀ ଜଗନ୍ନାଥ ଦାସଙ୍କଠାରୁ ଆରମ୍ଭ କରି କବିବର ରାଧାନାଥ ରାୟ, ପଲ୍ଲୀକବି ନନ୍ଦକିଶୋର ବଳ, ସ୍ୱଭାବ କବି ଗଙ୍ଗାଧର ମେହେର ପ୍ରମୁଖ ଓଡ଼ିଆ ସାହିତ୍ୟର ବହୁ କବିଙ୍କ କବିତାରେ ବର୍ଷାର ବର୍ଣ୍ଣନା ଅତି ଉଚ୍ଚକୋଟୀର ଓ ହୃଦୟସ୍ପର୍ଶୀ ହୋଇଛି । ■



# ବର୍ଷା ଋତୁରେ ପୂଜାପର୍ବ




ପଣ୍ଡିତ ଦୈତ୍ୟାରି ମହାପାତ୍ର

## ପବିତ୍ର ମାସ ଆଷାଢ଼



ଆଷାଢ଼, ଆଷାଢ଼ା ଅର୍ଥାତ୍ ପୂର୍ବାଷାଢ଼ା ବା ଉତ୍ତରାଷାଢ଼ା ନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା ପଡୁଥିବା ମାସକୁ ଆଷାଢ଼ ମାସ କୁହାଯାଏ। ଏହା ଓଡ଼ିଆ ହିନ୍ଦୁ ସଂସ୍କୃତିର ତୃତୀୟ ଚାନ୍ଦ୍ରମାନ ମାସ। ଏହାର ପୂର୍ବବର୍ତ୍ତୀ ମାସର ନାମ ଜ୍ୟେଷ୍ଠ ଓ ପରବର୍ତ୍ତୀ ମାସର ନାମ ଶ୍ରାବଣ ଅଟେ। ଏଇ ମାସର କୃଷ୍ଣପକ୍ଷ ଓ ପୂର୍ବବର୍ତ୍ତୀ ଦୁଇ ମାସରେ ଗ୍ରୀଷ୍ମଋତୁ ଅନୁଭୂତ ହୋଇଥାଏ ଏବଂ ମାସର ଶୁକ୍ଳପକ୍ଷ ଓ ପରବର୍ତ୍ତୀ ମାସରେ ବର୍ଷାଋତୁ ହୋଇଥାଏ । ଆଷାଢ଼ ମାସରେ ପାଳିତ ହେଉଥିବା ପର୍ବପର୍ବାଣି ବେଶ୍ ଚିତ୍ତାକର୍ଷକ। ଏହି ମାସରେ ଅନେକ ପର୍ବପର୍ବାଣି ପାଳିତ ହୋଇଥାଏ। ଆଷାଢ଼ ମାସ ହେଉଛି ସତ୍ୟ, ଧର୍ମ ତଥା ପବିତ୍ରତମ ଶ୍ରେଷ୍ଠ ମାସ। ଏହି ମାସରେ ଶୁକ୍ଳ ପକ୍ଷ ପୁଷ୍ୟା ନକ୍ଷତ୍ରଯୁକ୍ତ ଦ୍ୱିତୀୟା ତିଥିରେ ମହାପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କ ସହିତ ବଡ଼ଦାଣ୍ଡକୁ ଆସି ଭକ୍ତମାନଙ୍କୁ ପ୍ରତ୍ୟକ୍ଷ ଦର୍ଶନ ଦେଇଥାନ୍ତି।

## ରଜ ସଂକ୍ରାନ୍ତି



ଆଷାଢ଼ ମାସର ସଂକ୍ରାନ୍ତିକୁ ରଜ ସଂକ୍ରାନ୍ତି କୁହାଯାଏ। ଏହି ସଂକ୍ରାନ୍ତିର ଅନ୍ୟ ନାମ 'ମିଥୁନ ସଂକ୍ରାନ୍ତି'। ସଂକ୍ରାନ୍ତିର ପୂର୍ବଦିନକୁ ପହିଲି ରଜ ଏବଂ ସଂକ୍ରାନ୍ତିର ପରଦିନକୁ ଭୂମିଦାହ କୁହାଯାଏ। ଭୂମିଦାହର ପର ଦିନ ସକାଳେ ବସୁମତୀ ସ୍ନାନ ଏବଂ ରଜ ପାଳନର ଶେଷ ପର୍ବ ହୋଇଥାଏ। ଏହି ଆଷାଢ଼ ମାସରେ ଇନ୍ଦ୍ର ଦେବତା ଶାନ୍ତି ଥାଆନ୍ତି। ଫଳରେ ବର୍ଷାର ଆଗମନ ହୋଇଥାଏ। ଧରଣୀ ରାଣୀ ହସିଉଠେ। ଶୁଷ୍କ ଭୂମିରେ ବର୍ଷାର ପ୍ରଥମ ଅସରା ପଡ଼ିବା ପରେ ମାଟିରେ ଏକ ପ୍ରଜନନ ଶକ୍ତି ଜାତ ହୁଏ। ଫଳରେ ମାଟିର ଉପର ଅଂଶ ଫୁଲିଉଠେ। ସେଥିପାଇଁ ଏହି ସମୟରେ ମା' ବସୁମତୀ ଧରଣୀ ରାଣୀକୁ ରଜସ୍ୱଳା ନାରୀ ସହିତ ତୁଳନା କରାଯାଏ।

ଦାରୁଣ ନିଦାଘର ଅବସାନ ପରେ ଆନନ୍ଦର ଫଲ୍‌ଗୁ ନେଇ ଧରାପୃଷ୍ଠକୁ ଅବତରଣ କରେ ବର୍ଷା ଋତୁ । ସକଳ ଜୀବଜଗତର ବନ୍ଧୁ ଭାବେ ପୃଥିବୀରାଣୀ ତାକୁ ସ୍ୱାଗତ ଜଣାଏ। ବାସ୍ତବରେ ବର୍ଷାର ଆଦ୍ୟ ବୃଷ୍ଟିପାତ ସମସ୍ତଙ୍କ ପାଇଁ ଯେପରି ମାଙ୍ଗଳିକ ସେହିପରି ମଧୁମୟ। ଆଷାଢ଼ ଏବଂ ଶ୍ରାବଣ ମାସକୁ ନେଇ ବର୍ଷାଋତୁ। ଏହି ଋତୁରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରଭାବରୁ ପ୍ରବଳ ବର୍ଷା ହୋଇଥାଏ। ଅଧିକାଂଶ ସମୟରେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇଥାଏ। ମୌସୁମୀ ବାୟୁ ହିମାଳୟ ପର୍ବତ ଶ୍ରେଣୀରେ ବାଧାପ୍ରାପ୍ତ ହୋଇ ଫେରିଆସିଲେ ମଧ୍ୟ କେତେକ ଅଞ୍ଚଳରେ ବର୍ଷା କରାଏ। ପ୍ରଥମ ବର୍ଷାର ସ୍ପର୍ଶରେ ବୃକ୍ଷରାଜି ସବୁଜ ଶ୍ୟାମଳରେ ପରିପୂର୍ଣ୍ଣ ହୋଇଉଠେ। ଦିଗନ୍ତ ବିସ୍ତାରି ସବୁଜ ଧାନ କ୍ଷେତରେ ସବୁଜ ଶ୍ୟାମଳିମା ଜନମାନସକୁ ଆକର୍ଷିତ କରିଥାଏ। ବର୍ଷା ଋତୁ ସହିତ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ନିବିଡ଼ ସଂପର୍କ ରହିଛି। ଏହି ସମୟରେ ଓଡ଼ିଶାରେ ଅନେକ ପର୍ବପର୍ବାଣି, ଓଷା, ବ୍ରତ ପାଳିତ ହୋଇଥାଏ।



## ରଥ ଯାତ୍ରା

ଶ୍ରୀଗୁଣ୍ଡିଚା ଯାତ୍ରା ବା ରଥ ଯାତ୍ରା ହେଉଛି ବିଶ୍ୱପ୍ରସିଦ୍ଧ ଯାତ୍ରା। ଏହି ଯାତ୍ରାର ଅନ୍ୟନାମ 'ମହାଯାତ୍ରା'। ଶାନ୍ତି - ସାମ୍ୟ ଓ ମୈତ୍ରୀର ଦାରୁ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହିତ ବଡ଼ଭାଇ ବଳଭଦ୍ର ଏବଂ ଦେବୀ ସୁଭଦ୍ରା ପହଣ୍ଡିବିଜେ କରି ରତ୍ନସିଂହାସନରୁ ଓହ୍ଲାଇ ଆସନ୍ତି ରଥ ଉପରକୁ ଭକ୍ତମାନଙ୍କୁ ଦର୍ଶନ ଦେବା ପାଇଁ। ବିଶ୍ୱର ପ୍ରାୟ ପ୍ରତ୍ୟେକ ପ୍ରାନ୍ତରୁ ଲକ୍ଷ ଲକ୍ଷ ଭକ୍ତ ବଡ଼ଦାଣ୍ଡରେ ସମାବେଶ ହୋଇଥାଆନ୍ତି ଭଗବାନଙ୍କୁ ମନଭରି ଦେଖିବା ପାଇଁ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଅସଂଖ୍ୟ ଭକ୍ତମାନଙ୍କୁ ଦର୍ଶନ ଦେବା ସହିତ ମାନବୀୟ ଲୀଳା କରିବା ପାଇଁ ମହାପ୍ରଭୁ ବିଶ୍ୱଠାକୁର ବଡ଼ଦାଣ୍ଡରେ ମାଉସୀ ମାଆ ଘରକୁ ତାଳଧ୍ୱଜ, ଦର୍ପଦଳନ ଏବଂ ନନ୍ଦିଘୋଷ ରଥରେ ଯାଇଥାନ୍ତି। ଶ୍ରୀଜୀଉମାନଙ୍କୁ ଦର୍ଶନ କରି ଭକ୍ତମାନେ ନିଜକୁ ଧନ୍ୟ ମନେ କରନ୍ତି। ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ମହାଯାତ୍ରା ବା ଘୋଷଯାତ୍ରା ବା ରଥଯାତ୍ରା ଏକାନ୍ତ ଭକ୍ତି, ନିଷ୍ଠା, ଏକାଗ୍ରତା ଓ ବିଶ୍ୱାସର ସହିତ ମହାସମାରୋହରେ ପାଳିତ ହୋଇଥାଏ।

## ଆଷାଢ଼ରେ ପର୍ବପର୍ବ

ଏତଦ୍ ଭିନ୍ନ ଆମ ସଂସ୍କୃତି ଓ ପରମ୍ପରାରେ ଏହି ମାସରେ ପାଳିତ ହେଉଥିବା ବିଭିନ୍ନ ପର୍ବ ପର୍ବାଣିମାନଙ୍କ ମଧ୍ୟରେ କେତେକ ପର୍ବପର୍ବାଣି ଅନ୍ୟତମ। ସେଗୁଡ଼ିକ ହେଉଛି; ସଙ୍କଟ ଚତୁର୍ଥୀ, ଐନ୍ଦ୍ରୀ ଦେବୀ ବ୍ରତ, ଖଳିଲାଗି ବା ଯୋଗିନୀ ଏକାଦଶୀ, ପ୍ରଦୋଷ ବ୍ରତ, ନେତ୍ରୋତ୍ସବ, ରଥଯାତ୍ରା ବା ଶ୍ରୀଗୁଣ୍ଡିଚା ଯାତ୍ରା, ହେରା ପଞ୍ଚମୀ, କୁମାରୀ ବ୍ରତ, ବିବସ୍ୱାନ ବ୍ରତ, ମହିଷଘ୍ନୀ ଦେବୀ ବ୍ରତ, ତାରିଣୀ ବ୍ରତ, ସୁଦଶା ବ୍ରତ, ବାହୁଡ଼ା ଯାତ୍ରା, ହରିଶୟନ ବା କାମିକା ଏକାଦଶୀ ବ୍ରତ, ସ୍ୱାପ ମହୋତ୍ସବ, ନିଳାଦ୍ରୀ ବିଜେ ବା ଦ୍ୱାଦଶୀ ଯାତ୍ରା, ବାମନ ଯାତ୍ରା, ହରି ପୂଜା, ବାୟୁଧାରିଣୀ ବ୍ରତ, ବିଶ୍ୱଦେବ ପୂଜା, ମାଆ ଅମ୍ବିକା ବ୍ରତ, କୋକିଳା ବ୍ରତ, ଶିବ ଶୟନ ଚତୁର୍ଦ୍ଦଶୀ ବ୍ରତ, ବ୍ୟାସ ପୂର୍ଣ୍ଣିମା ଆଦି ଅନ୍ୟତମ।





## ଶ୍ରାବଣରେ ପର୍ବପର୍ବାଣି

ଶ୍ରାବଣ, ଶ୍ରବଣା ନକ୍ଷତ୍ର ଯୁକ୍ତ ପୂର୍ଣ୍ଣିମା ପଡୁଥିବା ଚାନ୍ଦ୍ରମାସକୁ ଶ୍ରାବଣ ମାସ ବୋଲି କୁହାଯାଏ । ଏହାକୁ ଆମ ଉତ୍କଳୀୟ ସଂସ୍କୃତିରେ ଶିରାବଣ ବା ଶାବଣ ନାମରେ ଅଭିହିତ । ଏହାର ପୂର୍ବବର୍ତ୍ତୀ ମାସର ନାମ ଆଷାଢ଼ ଏବଂ ପରବର୍ତ୍ତୀ ମାସର ନାମ ଭାଦ୍ରବ । ଏହା ହେଉଛି ଓଡ଼ିଆ ହିନ୍ଦୁମାନଙ୍କର ଚତୁର୍ଥ ଚାନ୍ଦ୍ରମାନ ମାସ । ଆମ ସଂସ୍କୃତି ଓ ପରମ୍ପରାରେ ଶ୍ରାବଣ ମାସ ହେଉଛି ଏକ ପବିତ୍ର ମାସ । ଏହି ମାସରେ ଦାନ, ଧ୍ୟାନ, ଜପ, ତପ କଲେ ସିଦ୍ଧିପ୍ରାପ୍ତ ହୁଏ ବୋଲି ବିଶ୍ୱାସ ।





## ଶ୍ରାବଣୀ ବ୍ରତ

ଭଗବାନ ପରମେଶ୍ୱର ପରମାତ୍ମା ଶିବଙ୍କୁ ସନ୍ତୁଷ୍ଟ କରିବା ପାଇଁ ଯେତେ ପର୍ବ ପାଳନ କରାଯାଏ, ତନ୍ମଧ୍ୟରୁ ଶ୍ରାବଣୀ ବ୍ରତ ଅନ୍ୟତମ । ଏହାର ଅନ୍ୟ ନାମ 'ବୋଲ୍ ବମ୍' । ପ୍ରତି ବର୍ଷ ଶ୍ରାବଣ ମାସର ପ୍ରଥମ ସୋମବାରଠାରୁ ଏହି ବ୍ରତ ପାଳନ କରାଯାଇ, ସେହି ଶ୍ରାବଣ ମାସର ଶେଷ ସୋମବାର ଦିନ ଶେଷ ହୋଇଥାଏ । ଏକାନ୍ତ ଭକ୍ତି ନିଷ୍ଠା ଏକାଗ୍ରତାର ସହିତ ନୀତି ନିୟମ ଅନୁସାରେ ଏହି ବ୍ରତ ପାଳିତ ହୁଏ । ଆବାଳବୃଦ୍ଧବନିତା ଉଭୟ ନାରୀ ପୁରୁଷ ଏହି ବ୍ରତ ପାଳନ କରିବାର ପ୍ରଥା ପ୍ରଚଳିତ ଅଛି । ଆମ ସଂସ୍କୃତିରେ ବୋଲବମ୍ ଏକ ଅଭୂତପୂର୍ବ ପାରମ୍ପରିକ ପର୍ବ । ମାସ ତମାମ ଏହି ପର୍ବରେ ଏକାନ୍ତ ଭକ୍ତି ନିଷ୍ଠା ଓ ଏକାଗ୍ରତାର ସହିତ ଭଗବାନ ମଙ୍ଗଳମୟ ଶିବଙ୍କ ମସ୍ତକରେ ଜଳ ଢାଳି ତାଙ୍କୁ ସନ୍ତୁଷ୍ଟ କରାଯାଏ । ଫଳରେ ଭଗବାନ ଶିବ ସନ୍ତୁଷ୍ଟ ହୋଇ ଅଭୟ ବର ପ୍ରଦାନ କରିଥାନ୍ତି । ଏହା ଦ୍ୱାରା ଭକ୍ତର ମନବାଞ୍ଛା ପୂର୍ଣ୍ଣ ହୋଇଥାଏ ।

## ରକ୍ଷା ବନ୍ଧନ

ଶ୍ରାବଣ ମାସର ପୂର୍ଣ୍ଣିମାକୁ ରକ୍ଷା ବନ୍ଧନ ବା ରାକ୍ଷୀ ପୂର୍ଣ୍ଣିମା କୁହାଯାଏ । ଭାଇମାନଙ୍କ ସର୍ବବିଧ ମଙ୍ଗଳ ତଥା ଆୟୁର ବୃଦ୍ଧି ପାଇଁ ଭଉଣୀମାନେ ଏହି ପର୍ବକୁ ଦୃଢ଼ ଭକ୍ତି ଓ ନିଷ୍ଠାର ସହିତ ପାଳନ କରିଥାନ୍ତି । ଏହି ଦିନରେ ଏକ କଂସା ଥାଳିରେ ଦୁବ, ବରକୋଳି ପତ୍ର, ପ୍ରଜ୍ୱଳନ ଦୀପ, ଅରୁଆ ଚାଉଳ, ଗୋଟାଗୁଆ, ଚନ୍ଦନ, ଫୁଲ, ବିଭିନ୍ନ ପ୍ରକାର ମିଠା, ହଳଦୀ, ସିନ୍ଦୂର, ରାକ୍ଷୀ ବା ରକ୍ଷା ସୂତ୍ର ଆଦି ନେଇ ଭଉଣୀମାନେ ଭାଇମାନଙ୍କୁ ବନ୍ଦାପନା କରି ମିଠା ଖୁଆଇ ଦେଇଥାନ୍ତି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏହି ବ୍ରତ ପାଳନ କରାଯାଏ । ଏହା ଏକ ସର୍ବ ଭାରତୀୟ ପବିତ୍ର ପର୍ବ । ଏହି ଦିନ ପ୍ରଭୁ ବଳଭଦ୍ର ଏବଂ ଗୋ ପୂଜା କରିବାର ପ୍ରଥା ପ୍ରଚଳିତ ଅଛି । ପୁରାଣ ଯୁଗରୁ ଏହି ପର୍ବ ନିଷ୍ଠା ଓ ଏକାଗ୍ରତାର ସହିତ ପାଳିତ ହୋଇ ଆସୁଅଛି ।








## ଚିତାଲାଗି ଅମାବାସ୍ୟା

ଚିତାଲାଗି ଅମାବାସ୍ୟା ହେଉଛି ଏକ ଉତ୍କଳୀୟ ପର୍ବ । ଏହି ପର୍ବର ଅନେକ ନାମ ଥିଲେ ହେଁ ତନ୍ମଧ୍ୟରୁ ଶ୍ରାବଣ ଅମାବାସ୍ୟା, ଚିତୋଉ ଅମାବାସ୍ୟା, ଚିତାଲାଗି ଅମାବାସ୍ୟା, ଗେଣ୍ଡାକଟା ଅମାବାସ୍ୟା ଅନ୍ୟତମ । ଏହି ଦିନ ବିଧି ବିଧାନ ଅନୁସାରେ ମହାପ୍ରଭୁଙ୍କୁ ଚିତାଲାଗି କରାଯାଇଥାଏ । ଏହି ପ୍ରସଙ୍ଗ ବୁଲୁଙ୍କୀ ପାଠୀଙ୍କ ବିରଚିତ ମୂଳ ପୁରାଣରେ ବର୍ଣ୍ଣିତ ଅଛି । ଶ୍ରାବଣ ମାସର ଅମାବାସ୍ୟା ତିଥିରେ ନିତ୍ୟ ପୂଜାର୍ଚ୍ଚନା ପରେ ଦଇତାପତିମାନଙ୍କ ଦ୍ୱାରା ତିନି ଠାକୁର ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଏବଂ ଶ୍ରୀସୁଭଦ୍ରା ଦେବୀଙ୍କ ଚିତାଲାଗି କରାଯାଇଥାଏ । ଚିତାଲାଗି ଅମାବାସ୍ୟାକୁ ଏକ କୃଷିଭିତ୍ତିକ ପର୍ବ ଭାବେ ପାଳନ କରାଯାଏ । ଅନେକ ସ୍ଥାନରେ ଚାଷୀ ଭାଇମାନେ ଭକ୍ତି ଓ ନିଷ୍ଠାର ସହିତ ଧାନ କ୍ଷେତରେ ଅର୍ଘ୍ୟ ଦେଇ ପୂଜା କରି ଚିତୋଉ ପିଠାକୁ ବିଲରେ ପୋତି ଦେଇଥାନ୍ତି । ଏପରି ପାଳନ କଲେ କ୍ଷେତରୁ ଅଧିକ ଅମଳ ହୁଏ ବୋଲି ଚାଷୀ ଭାଇମାନଙ୍କର ଦୃଢ଼ ବିଶ୍ୱାସ । ଏହି ପୂଜାକୁ କେତେକ ଅଞ୍ଚଳରେ ଗେଣ୍ଡା ପୂଜା ବୋଲି କୁହାଯାଏ । ଇଷ୍ଟ ଦେବୀଙ୍କୁ ସନ୍ତୁଷ୍ଟ କରିବା ସହିତ ନଈ ବଢ଼ି ଦାଉରୁ ନିଜକୁ ଏବଂ କ୍ଷେତରେ ଥିବା ଫସଲକୁ ସୁରକ୍ଷା ପାଇଁ ପୂଜା ପୂର୍ବକ ଜଳଦେବ ବରୁଣ ଦେବତାଙ୍କୁ ଚିତୋଉ ଭୋଗ ଦେଇ ଏହି ପର୍ବ ପାଳନ କରାଯାଏ ।

## ଝୁଲଣ ପର୍ବ



ଝୁଲଣ ଯାତ୍ରା ଶ୍ରାବଣ ମାସ ଶୁକ୍ଳ ପକ୍ଷ ଏକାଦଶୀ ତିଥିଠାରୁ ଆରମ୍ଭ ହୋଇ ଗହ୍ମା ପୂର୍ଣ୍ଣିମାରେ ଶେଷ ହୋଇଥାଏ । ରାଧାକୃଷ୍ଣ ଏବଂ ଲକ୍ଷ୍ମୀନାରାୟଣ ମନ୍ଦିରରେ ଏହି ଯାତ୍ରା ଖୁବ୍ ସମାରୋହରେ ପାଳିତ ହୋଇଥାଏ । ବିଗ୍ରହମାନଙ୍କୁ ଦୋଳିରେ ବସାଇ ନାନାଦି ରଙ୍ଗରେ ବସ୍ତ୍ର ଆଦି ପରିଧାନ କରାଇ ଫୁଲ ଚନ୍ଦନରେ ସଜାଇ ଭୋଗ ନୈବେଦ୍ୟ ଅର୍ପଣ କରି ଭକ୍ତିର ସହିତ ଝୁଲଣ ଯାତ୍ରା କରାଯାଇଥାଏ । ସନ୍ଧ୍ୟାଠାରୁ ଆରମ୍ଭ ହୋଇ ରାତ୍ରର ପ୍ରଥମ ପ୍ରହର ପର୍ଯ୍ୟନ୍ତ ଭକ୍ତମାନଙ୍କ ସମାଗମରେ ଏହି ପର୍ବ ବେଶ୍ ଆନନ୍ଦ ଉଲ୍ଲାସରେ ଭକ୍ତି ନିଷ୍ଠାର ସହିତ ପାଳିତ ହୁଏ । ଦୀର୍ଘ ପାଞ୍ଚ ଦିନ ଧରି ଏହି ପର୍ବ ପାଳନ କରି ପୂର୍ଣ୍ଣିମା ଦିନ ଶେଷ କରାଯାଏ । ସଙ୍ଗୀତ ନୃତ୍ୟ ଓ ମନ୍ତ୍ର ପାଠରେ ଝୁଲଣ ପୂଜା ସ୍ଥାନ ମୁଖରିତ ହୋଇଉଠେ । ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ ପ୍ରତିନିଧିତ୍ୱ କରି ଶ୍ରୀଜଗମୋହନ ଠାକୁରଙ୍କୁ ମୁକ୍ତି ମଣ୍ଡପ ନିକଟବର୍ତ୍ତୀ ଏକ ମଣ୍ଡପ ଉପରେ ଭକ୍ତି ଓ ନିଷ୍ଠାର ସହିତ ଭକ୍ତମାନଙ୍କ ସମାଗମରେ ଝୁଲଣ ଯାତ୍ରା ସମାପନ ହୋଇଥାଏ ।



## ଶ୍ରାବଣର ଅନ୍ୟାନ୍ୟ ପର୍ବ



ଏତତ୍ ଭିନ୍ନ ଶ୍ରାବଣ ମାସରେ ପାରମ୍ପରିକ ବିଧି ଅନୁସାରେ ପାଳିତ ହୋଇ ଆସୁଥିବା ପର୍ବ ପର୍ବାଣିଗୁଡ଼ିକ ମଧ୍ୟରୁ ଶ୍ରାବଣୀ ବ୍ରତ, କୋକିଳା ବ୍ରତ, ମଙ୍ଗଳା ଗୌରୀ ବ୍ରତ, ଅଶୂନ୍ୟଶୟନ ବ୍ରତ, କଜ୍ଜଳୀ ତୃତୀୟା ବ୍ରତ, ଶୀତଳା ସପ୍ତମୀ ବ୍ରତ, କୁମାରୀ ପୂଜା, ସ୍ୱର୍ଣ୍ଣ ଗୌରୀ ବ୍ରତ, ସଙ୍କଷ୍ଟ ଚତୁର୍ଥୀ ବ୍ରତ, କାମଦା ଏକାଦଶୀ ବ୍ରତ, ପ୍ରଦୋଷ ବ୍ରତ, ଅମା ବ୍ରତ, ଚିତାଲାଗି ଅମାବାସ୍ୟା, ଦୂର୍ବାଗଣପତି ପୂଜା, ନାଗ ପଞ୍ଚମୀ ବା ମନସା ଦେବୀ ପୂଜା, ପାପନାଶିନୀ ସପ୍ତମୀ, ଦୁର୍ଗା ବ୍ରତ, ପୁତ୍ରଦା ଏକାଦଶୀ ବ୍ରତ, ରବିନାରାୟଣ ବ୍ରତ, ପବିତ୍ରାର୍ପଣ ବ୍ରତ, ଦଧି ବ୍ରତ, ମାଆ ଲୋଭୀ ଠାକୁରାଣୀ ଯାତ୍ରା, ଝୁଲଣ ଯାତ୍ରା, ଶ୍ରବଣ ପୂଜନ, ଋଷି ତର୍ପଣ, ଗହ୍ମାଡ଼ିଆଁ ପର୍ବ, ବଳରାମ ଜୟନ୍ତୀ ବା ଗହ୍ମା ପର୍ବ, ରାକ୍ଷୀ ବନ୍ଧନ ଆଦି ଅନ୍ୟତମ ।

ବର୍ଷାଋତୁ ହେଉଛି ଋତୁମାନଙ୍କର ରାଣୀ । ବର୍ଷାଋତୁ ସମସ୍ତଙ୍କୁ ଆନନ୍ଦ ଦେଇଥାଏ । ବର୍ଷା ଋତୁ ସହିତ ଆମ ସଂସ୍କୃତି, ପରମ୍ପରା, ସାହିତ୍ୟ, ଜନଜୀବନର ନିବିଡ଼ ସଂପର୍କ ରହିଛି । ବର୍ଷାଦିନେ ଆକାଶ ବହୁତ ଉଜ୍ଜଳ, ସ୍ୱଚ୍ଛ, ଏବଂ ହାଲୁକା ନୀଳ ରଙ୍ଗର ଦେଖାଯାଏ । ବେଳେବେଳେ ଆକାଶରେ ସାତ ରଙ୍ଗର ଇନ୍ଦ୍ରଧନୁ ଦେଖାଯାଏ । ବର୍ଷାଋତୁର ଆଗମନରେ ସମଗ୍ର ଜୀବଜଗତରେ ଖେଳି ଯାଏ ଆନନ୍ଦ ଓ ଉଲ୍ଲାସ । ■

ଓଡ଼ିଆ ଭାଷା ସାହିତ୍ୟ ଗବେଷକ
ଭଦ୍ରକ, ଓଡ଼ିଶା,
ମୋ: ୮୭୬୩୫୪୮୨୦୨

# ବର୍ଷାକାଳୀନ ଫୁଲ



ଶ୍ୱେତା ରାଉତ

ଫୁଲ ଈଶ୍ୱରଙ୍କ ଏକ ଅନନ୍ୟ ସୃଷ୍ଟି ଓ ପ୍ରକୃତିର ଏକ ଅଲୌକିକ ବରଦାନ । ଫୁଲ ମଣିଷର ଭାବ, ପ୍ରେମ, କରୁଣା, ଶ୍ରଦ୍ଧା, ଭକ୍ତି ଓ ସମର୍ପଣ ଭାବକୁ ପ୍ରକଟ କରାଇଥାଏ । ଏହା ମନରେ ଶାନ୍ତି, ଉତ୍ସାହ ଭରି ମନୁଷ୍ୟକୁ ପରମ ଆନନ୍ଦ ଦେଇଥାଏ । ସୃଷ୍ଟିରେ ୩୮ ହଜାର କୋଟି ଫୁଲ ନିଜ ନିଜର ସ୍ୱତନ୍ତ୍ର ରଙ୍ଗ, ମହକ, ସୌନ୍ଦର୍ଯ୍ୟ ପାଇଁ ଦେବ, ମାନବ, ଅସୁର ସମସ୍ତଙ୍କ ପ୍ରିୟ । ଅନେକ ଫୁଲ ରହିଛି ଦେଖିବାକୁ ଯେତିକି ସୁନ୍ଦର, ମହକଯୁକ୍ତ, ଆକର୍ଷକ, ସେତିକି ଉପଯୋଗୀ । କିଛି ଫୁଲ ଋତୁ ଅନୁସାରେ ବା ଅନୁକୂଳ ପାଗରେ ବହୁ ମାତ୍ରାରେ ଫୁଟିଥାନ୍ତି, ଯେମିତି ମୌସୁମୀ ଆସିଲେ ଟୋପା ଟୋପା ବର୍ଷାରେ ଭିଜି ଭିଜି ଆନନ୍ଦ ନେଉଥାନ୍ତି । ବର୍ଷା ଋତୁରେ ତରାଟ ବା ଟଗର, ଅଶୋକ, ହରଗୌରୀ, କିଆ, ଚମ୍ପା, ଅପରାଜିତା, ସଦାବିହାରୀ, ପଦ୍ମ, କଇଁ, ମଧୁମାଲତି, ମଲ୍ଲୀ, କଟିଂ ଗେଣ୍ଡୁ, କଦମ୍ବ, କୃଷ୍ଣକମଳ ଆଦି ବିଭିନ୍ନ ପ୍ରଜାତିର ଫୁଲ ଫୁଟିଥାଏ । ଅନେକ ଅଳଙ୍କରଣ ଫୁଲ (ଅର୍ବାନ ଫୁଲ) ଜର୍ବେରା, ଟେକୋମା ଓ ଆଲ୍ଲମଣ୍ଡା ଆଦି ବର୍ଷା ଋତୁରେ ଫୁଟିବା ଦେଖିବାକୁ ମିଳେ । ସେଭଳି କିଛି ଫୁଲର ବିଶେଷତ୍ୱକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।



## ଅଶୋକ

ଅଶୋକ ବୃକ୍ଷର ପ୍ରଚଳନ ଗନ୍ଧର୍ବ ଏବଂ ଯକ୍ଷଙ୍କ ସମୟରୁ ରହିଆସିଛି । ପ୍ରାଚୀନ ମୂର୍ତ୍ତିଗୁଡ଼ିକରେ ଅଶୋକ ବୃକ୍ଷର ଅର୍ଚ୍ଚନା ଖୋଦିତ ଅଛି । ବୌଦ୍ଧ ଧର୍ମାନୁସାରେ ମହାତ୍ମା ଭଗବାନ ବୁଦ୍ଧ ଅଶୋକ ବୃକ୍ଷ ମୂଳରେ ଜନ୍ମ ଗ୍ରହଣ କରିଥିଲେ । ସେଥିପାଇଁ ବୌଦ୍ଧଧର୍ମାବଲମ୍ବୀ ଅଶୋକ ବୃକ୍ଷକୁ ପୂଜା କରିଥାନ୍ତି । ଅଶୋକ କାମଦେବଙ୍କର ପ୍ରତୀକ ହୋଇଥିବାରୁ ଦେବରାଜ ଇନ୍ଦ୍ରଙ୍କର ଅତ୍ୟନ୍ତ ପ୍ରିୟ ବୋଲି ପୁରାଣରୁ ଜଣାପଡ଼େ । ଏହି ଫୁଲ ବର୍ଷା ଋତୁରେ ପେଣ୍ଡା ପେଣ୍ଡା ହୋଇ ପ୍ରଚୁର ପରିମାଣରେ ଫୁଟେ । ଅଶୋକକୁ ଜ୍ୟୋତିଷ ଶାସ୍ତ୍ରରେ ମଧ୍ୟ ଖୁବ୍ ଶୁଭପ୍ରଦ ମାନିଥାନ୍ତି । ଅଶୋକ ଶବ୍ଦର ଅର୍ଥ ହେଉଛି ଯେଉଁଠି କୌଣସି ପ୍ରକାର ଶୋକ ନ ଥାଏ । ମାଙ୍ଗଳିକ ଏବଂ ଧାର୍ମିକ କାର୍ଯ୍ୟରେ ଏହାର ପତ୍ରକୁ ବ୍ୟବହାର କରାଯାଏ । ଏହି ବୃକ୍ଷ ଉପରେ ପ୍ରାକୃତିକ ଶକ୍ତିମାନଙ୍କର ବିଶେଷ ପ୍ରଭାବ ରହିଥାଏ । ଏହି ବୃକ୍ଷ ଲଗାଯାଇଥିବା ସ୍ଥାନ ବା ପରିପାର୍ଶ୍ୱରେ ସବୁକାମ ସଫଳ ଭାବେ ସମ୍ପନ୍ନ ହୋଇଥାଏ । ପୁରାଣ କହେ,ଏ ଅଶୋକ ଫୁଲ ମହାଦେବଙ୍କ କନ୍ୟା ଅଶୋକ ସୁନ୍ଦରୀ, ଯିଏକି ମାତା ସୀତାଙ୍କୁ ଲଙ୍କାର ଆଶୋକବନରେ ସୁରକ୍ଷିତ ରହିବାରେ ସାହାଯ୍ୟ କରିଥିଲେ । ଏହି ଫୁଲକୁ ଘରର ଉତ୍ତର ଦିଗରେ ଲଗାଇଲେ ଶୁଭଫଳ ପ୍ରାପ୍ତ ହୋଇଥାଏ ।



## କିଆ

ସମଗ୍ର ଭାରତବର୍ଷରେ ଯଦିଓ କିଆ ଫୁଲ ଦେଖୁବାକୁ ମିଳେ, ଆମ ଓଡ଼ିଶାରେ ଏହା ୯୦% ଉତ୍ପାଦିତ ହୋଇଥାଏ । ଭାରତ ସରକାରଙ୍କ ଦ୍ୱାରା ଜି.ଆଇ. ମାନ୍ୟତାପ୍ରାପ୍ତ କିଆ ଫୁଲ ଓଡ଼ିଶାର ଗଞ୍ଜାମ ଜିଲ୍ଲାର ଛତ୍ରପୁର, ବ୍ରହ୍ମପୁର, ଗୋପାଳପୁର ଏବଂ ଜଗନ୍ନାଥପୁର ଆଦି ଅଞ୍ଚଳରେ ପ୍ରଚୁର ଉତ୍ପାଦନ କରାଯାଇଥାଏ । ସମଗ୍ର ଭାରତରେ କିଆରୁ ପ୍ରସ୍ତୁତ ହେଉଥିବା ତେଲ, ଅତର, ସାବୁନ, ଧୂପକାଠି ପାଇଁ ବଡ଼ ବଡ଼ କମ୍ପାନୀମାନେ ଗଞ୍ଜାମ ଉପରେ ନିର୍ଭର କରିଥାନ୍ତି । ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ କିଆ ଭଲ ଉର୍ବର ହୋଇଥାଏ । ଏକ ପରିପକ୍ୱ କିଆ ଗଛରେ ପ୍ରାୟ ୩୦-୪୦ଟି ଫୁଲ ଫୁଟିଥାଏ । ବର୍ଷକୁ ତିନିଥର ଗ୍ରୀଷ୍ମ, ବର୍ଷା ଓ ଶୀତ ଋତୁ ଅନୁସାରେ ଏହା ଫୁଟେ । ବର୍ଷା ଋତୁରେ ଅଧିକ କିଆ ଫୁଲ ଫୁଟିଥାଏ । କିଆ ଗଛର ଲମ୍ବା ଲମ୍ବା ପତ୍ର ଭିତରେ କେଉଁଠି ଫୁଲ ଲୁଚିଯାଏ ଜଣାପଡ଼େ ନାହିଁ । ତେଣୁ କିଆର ସୁଗନ୍ଧକୁ ଅନୁସରଣ କରି ଫୁଲ ତୋଳିବା ସମ୍ଭବ ହୋଇଥାଏ । ଏହାର ସୁଗନ୍ଧ ବହୁଦୂର ଯାଏ ମହ ମହ ବାସେ ।



## ଅପରାଜିତା

ବର୍ଷା ଋତୁରେ ଅଦ୍ଭୁତ ସୋନ୍ଦର୍ଯ୍ୟ ଧାରଣ କରି ଫୁଟିଥାଏ କୃଷ୍ଣ ବର୍ଣ୍ଣା ଅପରାଜିତା । ଏହାର ରଙ୍ଗ କୃଷ୍ଣ-ରଙ୍ଗ ହୋଇଥିବାରୁ ଏହାକୁ 'କୃଷ୍ଣକାନ୍ତା', ଏହାର ଧଳାରଙ୍ଗର ଫୁଲ ବିଷ୍ଣୁଙ୍କ ପ୍ରିୟ ହୋଇଥିବାରୁ 'ବିଷ୍ଣୁକାନ୍ତା' ଓ ଏହା ମହାଦେବଙ୍କ କଣ୍ଠର ରଙ୍ଗ ଭଳି ହୋଇଥିବାରୁ କେହି କେହି ଏହାକୁ 'ନୀଳକଣ୍ଠ' କହିଥାନ୍ତି । ଏହାର ଆକୃତି ଅଶ୍ୱର ଖୁରା ପରି ହୋଇଥିବାରୁ କେହି ଏହାକୁ 'ଅଶ୍ୱଖୁରା' କହିଥାନ୍ତି ତ କେହି କେହି ଗାଈର କର୍ଣ୍ଣ ସଦୃଶ ହୋଇଥିବା ଯୋଗୁଁ 'ଗୋକର୍ଣ୍ଣି' କହିଥାନ୍ତି । ଅପରାଜିତା ଗ୍ରହରାଜ ଶନିଦେବଙ୍କର ପ୍ରିୟ ଫୁଲ । କୁହାଯାଏ ଭକ୍ତମାନେ ଶନିବାର ଦିନ ପାଞ୍ଚଟି କିମ୍ବା ସାତଟି ଅପରାଜିତା (କଳା ବା କୃଷ୍ଣରଙ୍ଗ) ଶନିଦେବଙ୍କୁ ସମର୍ପଣ କଲେ ଗ୍ରହଦୋଷ ଦୂର ହୋଇ ଶନିଙ୍କ ସାନିଧ ଲାଭ ହୋଇଥାଏ । ନବରାତ୍ରୀର ନବ-ଦୁର୍ଗାଙ୍କ ମାତା ଦେବୀ ଅପରାଜିତା ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡର ଶକ୍ତି ପ୍ରଦାୟିନୀ ଉର୍ଜା ପ୍ରକଟକାରୀ ଦେବୀ । ଅପରାଜିତାଙ୍କ ପୂଜାର ଆରମ୍ଭ ଚାରି ଯୁଗର ଆରମ୍ଭ କାଳରୁ ହୋଇଆସୁଛି । ଯେତେବେଳେ ରାମଚନ୍ଦ୍ର ଯୁଦ୍ଧ କରିବାକୁ ଲଙ୍କା ଅଭିମୁଖେ ବାହାରିଲେ, ରାବଣ ସହିତ ଯୁଦ୍ଧ କରିବା ପୂର୍ବରୁ ଦେବୀ ଅପରାଜିତାଙ୍କୁ ପୂଜା ନିବେଦନ କରିଥିଲେ । ଦେବୀ ଅପରାଜିତା ରାମଙ୍କ ସହିତ ଏକ ଅଦୃଶ୍ୟ ଶକ୍ତି ହୋଇ ଗମନ କରିଥିଲେ । ସେଥିପାଇଁ ରାମଚନ୍ଦ୍ର, ରାବଣଙ୍କୁ ପରାସ୍ତ କରିବାରେ ସକ୍ଷମ ହୋଇ ଅପରାଜିତ ରହିଲେ । ଅପରାଜିତା ଚା' ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ଗହଳିଆ ସବୁଜ ଲଟା ଭିତରେ ଖୁବ୍ ଆକର୍ଷକ ଦିଶେ ଅପରାଜିତା ।

## ପଦ୍ମ

ବର୍ଷା ଋତୁରେ ପୋଖରୀ ଭିତରେ ଶୁଦ୍ଧ, ସତେଜ ଅପରୂପ, କୋମଳ ଫୁଲ ପଦ୍ମ ବି ଖୁବ୍ ଆନନ୍ଦରେ ଖେଳିଉଠେ । ପଦ୍ମ ଭାରତର ଜାତୀୟ ଫୁଲ । ପଦ୍ମ, ପଙ୍କ, କାଦୁଅରେ ଫୁଟି ମଧ ତାହା ସ୍ୱଚ୍ଛ, ସମୃଦ୍ଧ, ପବିତ୍ର, ଦିବ୍ୟ ଏବଂ ଅନନ୍ୟ ହୋଇଥିବାରୁ ବିଶିଷ୍ଟ, ଉଚ୍ଚାଙ୍ଗ, ସମୃଦ୍ଧ ବ୍ୟକ୍ତିତ୍ୱଙ୍କୁ ପଦ୍ମକୁ ପ୍ରତୀକାତ୍ମକ ଭାବେ ନେଇ ପୁରସ୍କୃତ କରାଯାଇଥାଏ । ଭଗବାନ ବୁଦ୍ଧଙ୍କର ପଥ ଓ ସିଦ୍ଧାନ୍ତର ସ୍ୱରୂପ ହେଉଛି ପଦ୍ମ । ଏହା ଶୁଦ୍ଧତା, ପବିତ୍ରତା, ମେଧାର ପ୍ରତୀକ ଏବଂ ଏଥିରେ ଆଧ୍ୟାତ୍ମିକତା ସମାହିତ ହୋଇଥାଏ । ଭଗବାନ ବୁଦ୍ଧ ନିଜକୁ ଏକ ପଦ୍ମ ସହିତ ତୁଳନା କରନ୍ତି । ପଦ୍ମ ଶରୀର,ବାଣୀ ଏବଂ ମନର ଶୁଦ୍ଧତା ପ୍ରତିନିଧିତ୍ୱ କରିଥାଏ ବୋଲି ବୁଦ୍ଧ କହନ୍ତି । ମାନ୍ୟତା ଅଛି ଗୌତମ ବୁଦ୍ଧଙ୍କର ପ୍ରଥମ ଚରଣ ପଦ୍ମ ଫୁଲ ହୋଇଥିଲା । ସବୁଆଡ଼େ ବୁଦ୍ଧ ପାଦ ରଖି ପଦ୍ମବନ ସୃଷ୍ଟି କରିଥିଲେ । ଏହି ଫୁଲକୁ ଆଜିକାଲି ନିଜ ଛାତ ଉପରେ ବଡ଼ କୁଣ୍ଡରେ ଲଗାଇବା ସମ୍ଭବ ହେଲାଣି । ପଦ୍ମ ମାନବିକ ଦୃଷ୍ଟିକୋଣରେ ଦିବ୍ୟ ଏବଂ ଅମର ହେବାର ପ୍ରତୀକ । ଏହା ସୂର୍ଯ୍ୟ ଏବଂ ଅଗ୍ନିଦେବତାଙ୍କ ଗୁଣ ଧାରଣ କରେ । ଆନ୍ତରିକ କ୍ଷମତା ପ୍ରାପ୍ତି, ତାତ୍ତ୍ୱିକ, ଯୌଗିକ ପରମ୍ପରାରେ ପଦ୍ମ ବ୍ୟକ୍ତିର କ୍ଷମତାର ପ୍ରତୀକ ଭାବେ ଚକ୍ରଗୁଡ଼ିକ ମାଧ୍ୟମରେ ଚଳନର ଉର୍ଜା ପ୍ରବାହ କରିବାକୁ କାର୍ଯ୍ୟ କରିଥାଏ । ମା' ଲକ୍ଷ୍ମୀଙ୍କର ପ୍ରିୟ ଫୁଲ ପଦ୍ମ ହୋଇଥିବାରୁ, ପଦ୍ମ ଲକ୍ଷ୍ମୀଙ୍କ ପରି ସ୍ୱଚ୍ଛ, ସରଳ, କୋମଳ, ପବିତ୍ର ଓ କମନୀୟ ଗୁଣ ଧାରଣ କରିଥାଏ । ପଦ୍ମକୁ ଦେଖିଲେ ସ୍ୱତଃ ଶାନ୍ତି ଅନୁଭୂତ ହୁଏ ।





## ସଦାବିହାରୀ

ବର୍ଷା ଋତୁରେ ସଦାବିହାରୀ ଫୁଲ କେବଳ ବଗିଚାର ସୌନ୍ଦର୍ଯ୍ୟ ବଢ଼ାଇ ନଥାଏ। ବରଂ ଏହା ଦେଖିବାକୁ ଯେତିକି ମନଲୋଭା ହୋଇଥାଏ, ସେତିକି ଔଷଧୀୟ ଉପଚାର ପାଇଁ ଉପଯୋଗୀ ହୋଇଥାଏ। ଭାରତରେ ପ୍ରଥମେ ଧଳା ଓ ଗୋଲାପି କେବଳ ଦୁଇଟି ରଙ୍ଗର ସଦାବିହାରୀ ଦେଖିବାକୁ ମିଳୁଥିଲା। ତେବେ ୧୯୯୩ ମସିହାରେ ପାର୍କର ଜର୍ମପ୍ଲାଜ୍ 'ଫେସିଫକା' ନାମରେ କିଛି ନୂଆ ରଙ୍ଗ ପ୍ରସ୍ତୁତ କରିଥିଲେ, ଯେଉଁଥିରେ କି ସଦାବିହାରୀକୁ ପ୍ରଥମଥର ନାଲି ରଙ୍ଗରେ ଦେଖିବାକୁ ମିଳିଥିଲା । ତା'ପରଠୁ ବଜାରରେ ବିଭିନ୍ନ ରଙ୍ଗର ସଦାବିହାରୀ ଦେଖିବାକୁ ମିଳିଲା। ଏହି ଫୁଲ ଦେଖିବାକୁ ଖୁବ୍ ସୁନ୍ଦର, ଆକର୍ଷକ ଓ ସବୁ ଋତୁରେ ଫୁଟିଥାଏ। ସଦାବିହାରୀ ଯଦିଓ ଈଶ୍ୱରଙ୍କ ପୂଜାରେ ବ୍ୟବହୃତ ହୋଇ ନଥାଏ, ଘର ବଗିଚା ଓ ପ୍ରକୃତିର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ। ଏହି ଫୁଲ ଔଷଧୀୟ ଉପଚାର ପାଇଁ ଉପଯୋଗୀ ହୋଇଥାଏ। ସଦାବିହାରୀ ମୂଳରେ ରକ୍ତରେ ଶର୍କରା କମିବାର ଗୁଣଥାଏ। ଦକ୍ଷିଣ ଆଫ୍ରିକାରେ ସଦାବିହାରୀ ଉଭିଦକୁ ମଧୁମେହ ଚିକିତ୍ସାରେ ଘରୋଇ ଉପଚାର ପାଇଁ ବ୍ୟବହାର କରାଯାଇଥାଏ। ଏହାର ପତ୍ରର ରସ ମଧ୍ୟ ଷ୍ଟିଙ୍ଗର ଚିକିତ୍ସାରେ ବ୍ୟବହୃତ ହୋଇଥାଏ। ଏହା ଅଗ୍ନାଶୟର ବିଟାକୋଷକୁ ସଶକ୍ତ କରିଥାଏ। ଅଗ୍ନାଶୟକୁ ସଠିକ୍ ପରିମାଣର ଇନ୍ସୁଲିନ୍ ବାହାର କରିବାକୁ ଦେଇଥାଏ।



## ଚମ୍ପା ଫୁଲ

ମହାଦେବଙ୍କ ପ୍ରିୟ ମାସରେ ପ୍ରାୟ ତାଙ୍କର ପ୍ରିୟ ଫୁଲ ସବୁ ଆନନ୍ଦରେ ଫୁଟି ଉଠନ୍ତି। ସେହି ଫୁଲମାନଙ୍କ ଭିତରେ ଏମିତି ଗୋଟିଏ ହେଉଛି 'ଚମ୍ପା' ଫୁଲ। ଏହାର ଅତ୍ୟଧିକ ସୁଗନ୍ଧ ଏବଂ ତା'ର ରସ ବିଷାକ୍ତ ହୋଇଥିବାରୁ ସେଥିରେ ଭ୍ରମର ବସନ୍ତି ନାହିଁ। ଏ ଦିବ୍ୟ, ମହକଯୁକ୍ତ ଚମ୍ପାକୁ ରାଧିକା ଓ ମହୁମାଛି ବା ଭ୍ରମରକୁ କୃଷ୍ଣଙ୍କର ଦାସବାସୀ ଭାବେ ନିଆଯାଇ ମର୍ଯ୍ୟାଦା ରକ୍ଷା ପାଇଁ ଏହା ଉପରେ ମଧୁମକ୍ଷୀ ବସନ୍ତ ନାହିଁ ବୋଲି ବିବେଚନା କରାଯାଇଛି। ଚମ୍ପା ଫୁଲରେ ପରାଗ ହୁଏ ନାହିଁ। ଏହା ଉପବିଷଯୁକ୍ତ ହୋଇଥିବାରୁ ଏହାକୁ କେବଳ ବିଷପାନ କରି ନୀଳକଣ୍ଠ ବୋଲାଇଥିବା ଦେବାଦିଦେବ ମହାଦେବ ଅତ୍ୟନ୍ତ ଆନନ୍ଦରେ ଗ୍ରହଣ କରିଥାନ୍ତି। 'ଚମ୍ପା' ମହାଦେବଙ୍କ ଆଠଟି ମୁଖ୍ୟ ଫୁଲ ମଧ୍ୟରୁ ଅନ୍ୟତମ। ଏହା ଏକ ଦ୍ରୁମ ଜାତୀୟ ଉଭିଦ । ସାଧାରଣତଃ ଆମେ ଚମ୍ପାକୁ ଦୁଇ ପ୍ରକାର ଜାଣିଥାଉ - ଶ୍ୱେତଚମ୍ପା ଓ କନକଚମ୍ପା । କିନ୍ତୁ ବିସ୍ତାର ଭାବେ ଚମ୍ପାର ବିଶ୍ଳେଷଣ କରିବା ଅତ୍ୟନ୍ତ କାଠିକର ପାଠ। 'ଚମ୍ପା' ବା ଚମ୍ପକଜାତୀୟ ଅନେକ ଫୁଲ ଅଛି ଯାହାକୁ ଆମେ ଗୋବରୀ ଚମ୍ପା, ଜହ୍ନରି ଚମ୍ପା, ଚିନି ଚମ୍ପା, ଚେଣି ଚମ୍ପା, ଦୋଳି ଚମ୍ପା, ଭୂଇଁ ଚମ୍ପା, ସୁଲତାନି ଚମ୍ପା, କାଠ ଚମ୍ପା, କ୍ଷୀର ଚମ୍ପା, ହରିଚମ୍ପା ଇତ୍ୟାଦି କହିଥାଉ। ଏହି ଚମ୍ପା ବର୍ଷା ଋତୁରେ ଖୁବ୍ ସୁନ୍ଦର ସତେଜ ଓ ଆକର୍ଷକ ରୂପ ନେଇ ଫୁଟେ।



## ଟଗର

ଝିପି ଝିପି ବର୍ଷାରେ ଝୁଲି ଝୁଲି ଖେଳୁଥିବା ଟଗର କାହାକୁ ବା ଆକର୍ଷିତ ନକରେ! ଓଡ଼ିଆର ମଉଡ଼ମଣି ପ୍ରଭୁ ଶ୍ରୀଜଗନ୍ନାଥ ବିଭିନ୍ନ ପର୍ବାନୁସାରେ ସଜ ହୁଅନ୍ତି। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସାଜସଜ୍ଜା ଫୁଲ ଭିତରେ ଗୋଟେ ସୁନ୍ଦର ସୂର୍ଯ୍ୟସ୍ନାତା ଫୁଲ ହେଉଛି 'ଟଗର' ବା 'ତରାଟ'। ଯାହାକୁ ମହାପ୍ରଭୁଙ୍କ କମରପେଟୀରେ ଗଜରା ଗୁନ୍ଥି ସଜାଯାଇଥାଏ ଓ ମାତା ସୁଭଦ୍ରାଙ୍କ ଶୃଙ୍ଗାର 'ଅଳକା ପାଟୀ'ର ଦୁଇକଡ଼େ ଖୁବ୍ ସୁନ୍ଦର ଭାବେ ସଜାଯାଇଥାଏ । ତାରା ଭଳି ବିଛାଡ଼ି ହୋଇ ଫୁଟୁଥିବା 'ଟଗର' ଦିଶୁଥାଏ ସତେ ଯେମିତି ପ୍ରାତଃ ସମୟରେ ସୂର୍ଯ୍ୟୋଦୟ ପୂର୍ବରୁ ଟୋପା ଟୋପା କାକର ବିନ୍ଦୁ ସହିତ ସତେ ଯେମିତି ସ୍ନାନ ସାରି ପରୀଟିଏ ନଦୀକୂଳରୁ ଉଠିଆସୁଛି। ଶୁଭ୍ର, ସତେଜ ଏହି ଫୁଲ ଚାନ୍ଦ ପରି ଦିଶୁଥିବାରୁ କେହି କେହି କୁହନ୍ତି 'ଚାନ୍ଦନୀ ଫୁଲ, ତରା ଭଳି ବିଚ୍ଛୁଡ଼ି ହୋଇ ଫୁଟୁଥିବାରୁ କେହି କୁହନ୍ତି 'ତରାଟ' ପ୍ରକୃତିରେ ସୌନ୍ଦର୍ଯ୍ୟ ଭରିବା ସହିତ ମନରେ କୋମଳ ଭାବ ଜାଗ୍ରତ କରାଏ 'ଟଗର', ଆଦିଦେବ ମହାଦେବ ଓ ବିଷ୍ଣୁ ଭଗବାନଙ୍କ ପ୍ରିୟ ଫୁଲ ଟଗର ଯଦିଓ ବର୍ଷ ସାରା ଫୁଟେ, ତଥାପି ବର୍ଷା ଋତୁରେ ପ୍ରଚୁର ଫୁଟିଥାଏ ଓ ପେନ୍ଥା ପେନ୍ଥା ହୋଇ ଫୁଟିଥାଏ। ■



## ହରଗୌରୀ ଫୁଲ

ବର୍ଷା ଋତୁରେ ବିଭିନ୍ନ ରଙ୍ଗରେ ପ୍ରକୃତିକୁ ଶୋଭାମୟ କରୁଥିବା ଫୁଲ ହେଉଛି ହରଗୌରୀ ଫୁଲ। ଖୁଦୁରୁକୁଣୀ ଓଷା କରି ଝିଅମାନେ ହାତ ପଚେଇବାକୁ ହରଗୌରୀ ଫୁଲର ପାଖୁଡ଼ା ଓ ପତ୍ରକୁ ବାଟି ମେହେନ୍ଦି କରି ହାତରେ ଲଗାନ୍ତି। ଗୋଟିଏ ସୁନ୍ଦର ଆଖ୍ୟାନ ରହିଛି ଏହି ଫୁଲକୁ ନେଇ- ହଳାହଳ ବିଷ ପାନ କରି ମହାଦେବ ଖୁବ୍ କଷ୍ଟ ଭୋଗୁଥିଲେ। ମାତା ଗୌରୀ ସ୍ୱାମୀଙ୍କର ପୀଡ଼ା ଦେଖି ଖୁବ୍ କଷ୍ଟ ପାଉଥିଲେ। ତାଙ୍କ ଆଖିରୁ ଲୁହ ଝରିଯାଉଥିଲା। ଶିବଲିଙ୍ଗ ପାଖରେ ବସି ମାତା ଗୌରୀ ସାଧନା କରୁଥିବା ବେଳେ ତାଙ୍କ ଆଖିରୁ ଝରୁଥିବା ଲୁହ ସୁନ୍ଦର ଫୁଲରେ ପରିଣତ ହୋଇ ମହାଦେବ ହରଙ୍କ ମସ୍ତକରେ ପଡୁଥିଲା। କ୍ରମଶଃ ଶିବଲିଙ୍ଗ ବହୁବର୍ଣ୍ଣା ଫୁଲରେ ଭରି ଯାଇଥିଲା। ମହାଦେବ ହରଙ୍କ ପୀଡ଼ା ମଧ୍ୟ ଲାଘବ ହୋଇଥିଲା। ମାତାଙ୍କ ଅଶ୍ରୁରୁ ଜାତ ସୁଶୋଭିତ ଫୁଲ ଦେଖି ବିଘ୍ନହର୍ତ୍ତା ଗଣେଶ ଆଶ୍ଚର୍ଯ୍ୟ ହୋଇ ଫୁଲଗୁଡ଼ିକକୁ ହାତରେ ଧରି ଏହା କେଉଁ ଫୁଲ ବୋଲି ମହାଦେବଙ୍କୁ ପଚାରିଥିଲେ। ମହାଦେବ ସ୍ମିତହାସ୍ୟରେ ଉତ୍ତର ଦେଲେ "ଏ ଫୁଲ ମୋର ପୀଡ଼ା ହରିବାକୁ ଗୌରୀଙ୍କ ଆଖିରୁ ଝରିଥିବା ଲୁହରୁ ଜାତ। ତେଣୁ ଦୁନିଆ ଏ ଫୁଲକୁ 'ହରଗୌରୀ ଫୁଲ' ନାମରେ ଜାଣିବେ। ସେବେଠାରୁ ମହାଦେବଙ୍କ ପ୍ରିୟ ମାସ ଶ୍ରାବଣ ମାସରେ ଖୁବ୍ ରଙ୍ଗ ବେରଙ୍ଗ ସହିତ ଫୁଟିଥାଏ ହରଗୌରୀ।





# ରୁପେଲି ପରଦାରେ ବର୍ଷା

**ବଲିଉଡ୍ ଓ ବର୍ଷାର ସଂପର୍କ ବହୁ ପୁରୁଣା । ହିନ୍ଦୀ ଚଳଚ୍ଚିତ୍ରରେ ବର୍ଷାର ଚିତ୍ର ବେଶ୍ ଆକର୍ଷଣୀୟ ଓ ମର୍ମସ୍ପର୍ଶୀ । ବର୍ଷାରେ ନାୟକ-ନାୟିକା ଗୀତ ଗାଇ ନୃତ୍ୟ କରୁଥିବାର ଦୃଶ୍ୟ ଅନେକ ହିନ୍ଦୀ ଚଳଚ୍ଚିତ୍ରରେ ଦେଖିବାକୁ ମିଳେ । ବଲିଉଡ୍‌ରେ ବର୍ଷାକୁ ନେଇ ଅନେକ ରୋମାଣ୍ଟିକ୍ ଗୀତ ରହିଛି । କେବେ ବର୍ଷା ଗୀତରେ ବିରହ ବେଦନା ପ୍ରତିଫଳିତ ହୋଇଛି ତ ଆଉ କେବେ ଗୀତରେ ମେଘ ମାଧ୍ୟମରେ ନିଜ ପ୍ରିୟା ପାଖକୁ ବାର୍ତ୍ତା ପଠାଉଛି ପ୍ରେମିକ । ପୁଣି ଆଉ କେବେ ଧରାପୃଷ୍ଠକୁ ଅବତରଣ କରିବା ନିମନ୍ତେ ଗୀତରେ ଆବାହନ କରାଯାଉଛି ବର୍ଷାକୁ । ସେହିପରି କେତେକ ଗୀତରେ ବର୍ଷାର ଆଗମନରେ ନାୟିକା ଖୁସିରେ ବିଭୋର ହୋଇ ନୃତ୍ୟ କରୁଥିବା ଦୃଶ୍ୟ ବେଶ୍ ମାର୍ମିକ ହୋଇଉଠିଛି ରୁପେଲି ପରଦାରେ । ରୁପେଲି ପରଦାରେ ବର୍ଷାର ଚିତ୍ରକୁ ନେଇ ଏଇ ସ୍ୱତନ୍ତ୍ର ପ୍ରତିବେଦନ ।**



## ବଲିଉଡ୍‌ରେ ବର୍ଷା ଗୀତ

ବଲିଉଡ୍ ଚଳଚ୍ଚିତ୍ରରେ ବର୍ଷାକୁ ନେଇ ଅନେକ ଗୀତ ରହିଛି । ୧୯୪୪ ମସିହାରେ ରିଲିଜ ହୋଇଥିବା ସୁପରହିଟ୍ ଚଳଚ୍ଚିତ୍ର 'ରତନ'ର ହିଟ୍ ଗୀତ 'ସାବନ କେ ବାଦଲୋଁ'ଠାରୁ ଆରମ୍ଭ କରି ୨୦୧୭ ମସିହାରେ ରିଲିଜ୍ ହୋଇଥିବା 'ହାଫ୍ ଗର୍ଲଫ୍ରେଣ୍ଡ'ର "ୟେ ମୌସମ କୀ ବାରିଶ..." ପର୍ଯ୍ୟନ୍ତ ଏ ତାଲିକା ବେଶ୍ ଲମ୍ବା । ଏହି ସବୁ ବର୍ଷା ଗୀତଗୁଡ଼ିକ ମଧ୍ୟରୁ ଅଧିକାଂଶ ଗୀତ ସୁପରହିଟ୍ ହୋଇଛି । ୧୯୪୯ ମସିହାରେ ରାଜ କପୁରଙ୍କ ନିର୍ମିତ ଫିଲ୍ମ 'ବରସାତ୍'ରେ ବର୍ଷାର ଗୀତ ପ୍ରାଣସ୍ପର୍ଶୀ ହୋଇଛି । 'ବରସାତ୍'ର "ବରସାତ୍ ମେଁ ହମ୍ ସେ ମିଲେ ତୁମ ସାଜନ..." ଗୀତଟି ବଲିଉଡ୍‌ରେ ଢେର୍ ଚର୍ଚ୍ଚା ସାଉଁଟି ଥିଲା । ପରେ ରାଜ କପୁର ନିଜର ଅନେକ ଚଳଚ୍ଚିତ୍ରରେ ଏଭଳି ବର୍ଷା ଗୀତକୁ ସ୍ଥାନ ଦେଇଛନ୍ତି । ୧୯୫୫ ମସିହାରେ ରିଲିଜ ହୁଏ ହିନ୍ଦୀ ଚଳଚ୍ଚିତ୍ର 'ଶ୍ରୀ ୪୨୦' । ଏହି ଚଳଚ୍ଚିତ୍ରରେ "ପ୍ୟାର ହୁଆ ଇକରାର୍ ହୁଆ...' ଗୀତଟି ଚହଳ ସୃଷ୍ଟି କରିଥିଲା ବଲିଉଡ୍ ଇଣ୍ଡଷ୍ଟ୍ରୀରେ । ରାଜ କପୁର ଓ ନର୍ଗିସ୍‌ଙ୍କ ଅଭିନୀତ ଏହି ରୋମାଣ୍ଟିକ୍ ଗୀତଟି ସେତେବେଳେ ସିନେ ଦର୍ଶକଙ୍କ ହୃଦୟକୁ ଦୋହଲାଇ ଦେଇଥିଲା । କୋକିଳ କଣ୍ଠୀ ଲତା ମଙ୍ଗେସକର୍ ଓ ମାନ୍ନା ଦେଙ୍କ କଣ୍ଠରେ ଏହି ଗୀତରେ ରାଜକପୁର ଓ ନର୍ଗିସଙ୍କ କେମେଷ୍ଟ୍ରି ଖୁବ୍ ଜମି ଥିଲା । ସେହିପରି 'ଚଲତି କା ନାମ୍ ଗାଡ଼ି' ଚଳଚ୍ଚିତ୍ରର 'ଏକ ଲଡ଼କୀ ଭିଗୀ ଭାଗୀସୀ...' ଏକ ହୃଦୟସ୍ପର୍ଶୀ ଗୀତ । ଏହି ଗୀତଟି ମଧ୍ୟ ହିଟ୍ ହୋଇଥିଲା । ୧୯୭୪ ମସିହାରେ ରିଲିଜ ହୁଏ ଫିଲ୍ମ 'ଅଜନବୀ' । ଏହି ଚଳଚ୍ଚିତ୍ରରେ ସୁପରଷ୍ଟାର୍ ରାଜେଶ ଖାନ୍ନା ଓ ଜୀନତ ଅମାନଙ୍କୁ ନେଇ ସୁଟିଂ ହୋଇଛି "ଭୀଗୀ ଭୀଗୀ ରାତୋଁ ମେଁ..." ଗୀତ । ପ୍ରେମିକପ୍ରେମିକାଙ୍କ ହୃଦୟର ପ୍ରେମ ଭାବନାକୁ ଚିତ୍ରିତ କରାଯାଇଛି ଏହି ଗୀତରେ ।

'ମଞ୍ଜିଲ' ଚଳଚ୍ଚିତ୍ରର "ରିମ୍‌ଝିମ୍ ଗିରେ ସାୱନ..." ଗୀତରେ ଯୁବ ଦମ୍ପତିଙ୍କ ପ୍ରେମର ବାର୍ତ୍ତାକୁ ଖୁବ୍ ଚମତ୍କାର ଭାବେ ଚିତ୍ରିତ କରାଯାଇଛି । କିଶୋର କୁମାର ଓ ଲତାଙ୍କ ଯାଦୁକରୀ କଣ୍ଠରେ ଏହି ଗୀତଟି ହୃଦୟସ୍ପର୍ଶୀ ହୋଇଛି । ସେହିପରି 'ନମକ ହଲାଲ୍' ଫିଲ୍ମର "ଆଜ୍ ରପଟ୍ ଯାଏ ତୋ..." ଗୀତରେ ଅମିତାଭ ବଚ୍ଚନ ଓ ସ୍ମିତା ପାଟିଲଙ୍କ ପ୍ରେମଭରା ନୃତ୍ୟର ଦୃଶ୍ୟ ଦର୍ଶକଙ୍କୁ ବିଭୋର କରେ । ସେପଟେ 'ମୋହରା' ଚଳଚ୍ଚିତ୍ରର "ଟିପ୍ ଟିପ୍ ବରଷା ପାନୀ..." ଏକ ଚର୍ଚ୍ଚିତ ଲୋକପ୍ରିୟ ବର୍ଷା ଗୀତ । ଅକ୍ଷୟ କୁମାର ଓ ରବୀନା ଟଣ୍ଡନଙ୍କ କେମେଷ୍ଟ୍ରୀ ଖୁବ୍ ଜମିଥିଲା ।

'୧୯୪୨ ଏ ଲଭ୍ ଷ୍ଟୋରୀ' ଚଳଚ୍ଚିତ୍ରର ଏକ ଲୋକପ୍ରିୟ ବର୍ଷା ଗୀତ ହେଉଛି "ରିମ୍‌ଝିମ୍ ରିମ୍‌ଝିମ୍..." । ଏହି ଗୀତରେ ଅନୀଲ କପୁର ଓ ମନୀଷା କୋଇରାଲାଙ୍କ ବର୍ଷାରେ ରୋମାନ୍ସର ଦୃଶ୍ୟ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ । ସେହିପରି 'ଲଗାନ୍'ର "ଘନନ-ଘନନ ଘିର ଆଏ ବଦରା..." ଗୀତ କିଛି ବର୍ଷ ଧରି ସର୍ବାଧିକ ଲୋକପ୍ରିୟ ବର୍ଷା ଗୀତର ମାନ୍ୟତା ପାଇଛି । ଏହି ଗୀତଟି 'ବରସାତ୍ କୀ ରାତ୍' ଚଳଚ୍ଚିତ୍ରର "ଗରଜତ ବରସତ୍ ସାୱନ ଆଏରେ..." ଓ 'ଦୋ ଆଁଖେ ବାରହ ହାତ୍' ଚଳଚ୍ଚିତ୍ରର "ଓମଡ୍ ଘୁମଡ୍ ଘିର ଆଇରେ ଘଟା..."ଗୀତକୁ ମନେ ପକାଇଦିଏ ।











# ଗୀତରେ ବର୍ଷାର ସୌନ୍ଦର୍ଯ୍ୟ

ବହୁ ହିନ୍ଦୀ ଚଳଚ୍ଚିତ୍ରରେ ବର୍ଷା ଗୀତରେ ଅଭିନେତ୍ରୀମାନେ ଅଧିକ ବୋଲଡ୍ ଦୃଶ୍ୟରେ ଅଭିନୟ କରିଛନ୍ତି । ଶାଢ଼ି ହେଉ କି ସଲ୍‌ୱାର ପିନ୍ଧି ବର୍ଷା ଗୀତରେ ଭିଜି ଭିଜି ନୃତ୍ୟ କରିଛନ୍ତି ଅନେକ ଅଭିନେତ୍ରୀ। ଆଉ ବେଶ୍ ଚର୍ଚ୍ଚା ବି ସାଉଁଟିଛନ୍ତି। ବଲିଉଡ୍ ଅଭିନେତ୍ରୀ ମଧୁବାଲା, ସ୍ମିତା ପାଟିଲଙ୍କଠାରୁ ଆରମ୍ଭ କରି କରୀନା କପୁର, ଐଶ୍ୱର୍ଯ୍ୟା ରାୟ, କ୍ୟାଟ୍ରିନା କୈଫ୍‌ଙ୍କ ପର୍ଯ୍ୟନ୍ତ ଅନେକ





ଅଭିନେତ୍ରୀ ବର୍ଷା ଗୀତରେ ଚମତ୍କାର ନୃତ୍ୟ କରିଛନ୍ତି। ଆଉ ସିନେ ଦର୍ଶକଙ୍କ ହୃଦୟ ଜିଣିବାରେ ସଫଳ ହୋଇଛନ୍ତି । ବର୍ଷା ପାଣି ହିଁ ବଲିଉଡ୍‌ରେ ଗ୍ଲାମର୍ ଭରି ଦିଏ । 'ଦିଲୱାଲେ ଦୁଲ୍‌ହନିୟା ଲେ ଯାଏଙ୍ଗେ'ରେ ବଲିଉଡ୍ ଅଭିନେତ୍ରୀ କାଜଲଙ୍କୁ ନେଇ ପିକ୍ଚରାଇଜେନସ୍ ହୋଇଥିବା "ମେରେ ଖ୍ୱାବୋ ମେଁ ଜୋ ଆଏ" ହେଉକି 'ଦିଲ୍ ତୋପାଗଲ ହେଁ'ର ସୁପରହିଟ୍ କୋରସ୍ "ଘୋଡେ ଜୈସୀ ଚାଲ ହାତୀ ଜୈସୀ ଦୁମ୍..." ଆଦି ଗୀତରେ ନାୟିକାଙ୍କ ସୌନ୍ଦର୍ଯ୍ୟ ଓ ବର୍ଷା ଦୃଶ୍ୟ ଅତି ଚିତ୍ତାକର୍ଷକ। ସେହିପରି 'ମୋହରା' ଚଳଚ୍ଚିତ୍ରରେ "ଟିପ୍ ଟିପ୍ ବରଷା ପାନୀ..."ରେ ରବୀନା ଟଣ୍ଡନଙ୍କ ଉତ୍ତେଜକ ଦୃଶ୍ୟକୁ ନେଇ ଚର୍ଚ୍ଚା ହୋଇଛି ଅନେକ । 'ମିଷ୍ଟର ଇଣ୍ଡିଆ'ର "କାଟେ ନହୀ କଟତେ ୟେ ଦିନ ଔର୍ ରାତ୍...", 'ଚାଲବାଜ'ରେ "କିସୀ କେ ହାଥ୍ ନ ଆଏଗୀ ୟେ ଲଡ୍‌କୀ..."ରେ ବଲିଉଡ୍‌ର ଚୁଲବୁଲି ଅଭିନେତ୍ରୀ ଶ୍ରୀଦେବୀଙ୍କ ମସ୍ତୀଭରା ଗୀତ ଅତି ଆକର୍ଷଣୀୟ ହୋଇଛି । 'ଚାନ୍ଦନୀ'ର "ଲଗୀ ଆଜ ସାୱନ କୀ ଫିର ଓ ଝଡୀ ହେଁ..." ଗୀତରେ ମଧ ଶ୍ରୀଦେବୀଙ୍କ ପ୍ରତିଭାର ଚମତ୍କାରିତା ଫୁଟି ଉଠିଛି ।

'ତାଲ୍' ଚଳଚ୍ଚିତ୍ରର "ତାଲ ସେ ତାଲ ମିଲା..." ଗୀତର ସୁରରେ ଐଶ୍ୱର୍ଯ୍ୟା ମନ ପ୍ରାଣ ଢାଳି ଚମତ୍କାର ନୃତ୍ୟ କରିଛନ୍ତି । ଆଉ ନିଜ ଭଲ ପାଇବାର ଶାଶ୍ୱତ ଭାବକୁ ଫୁଟାଇଛନ୍ତି ଏହି ଗୀତର ତାଳରେ। ସେହିପରି ଫିଲ୍ମ 'ଦିଲୱାଲେ ଦୁଲ୍‌ହନୀୟା ଲେ ଜାଏଙ୍ଗେ'ରେ ବଲିଉଡ୍ ଅଭିନେତ୍ରୀ କାଜୋଲଙ୍କୁ ନେଇ ଦୃଶ୍ୟାଙ୍କନ କରାଯାଇଥିବା ରୋମାଣ୍ଟିକ୍ ଗୀତ ହେଉଛି "ମେରେ ଖ୍ୱାବୋଁ ମେଁ ଜୋ ଆଏ..."। ଏହି ଗୀତରେ କଜୋଲଙ୍କ ସୌନ୍ଦର୍ଯ୍ୟକୁ ନେଇ ଖୁବ୍ ଚର୍ଚ୍ଚା ହୋଇଥିଲା। ସେହିପରି 'କୁଛ୍ କୁଛ୍ ହୋତା ହେଁ'ରେ ଶାହାରୁଖଙ୍କ ସହ କୁଛ୍ କୁଛ୍ ହୋତା ହେ ମ୍ୟୁଜିକ୍‌ର ତାଲେ ତାଲେ ଅଭିନେତ୍ରୀ କାଜୋଲଙ୍କୁ ନୃତ୍ୟ କରୁଥିବାର ଦେଖିବାକୁ ମିଳେ। ସେହିପରି 'ଗୁରୁ' ଚଳଚ୍ଚିତ୍ରରେ "ବର୍ଷୋରେ ମେଘା ମେଘା..." ଗୀତରେ ଐଶ୍ୱର୍ଯ୍ୟାଙ୍କ ନୃତ୍ୟକୁ ଦର୍ଶକେ ବେଶ୍ ତାରିଫ କରିଥିଲେ । ନବେ ଦଶକର ଏକ ଅବିସ୍ମରଣୀୟ ରୋମାଣ୍ଟିକ୍ ବର୍ଷା ଗୀତ ହେଉଛି 'ଦିଲ ତୋ ପାଗଲ ହେଁ' ଚଳଚ୍ଚିତ୍ରର "ଚକ ଧୁମ୍ ଧୁମ୍..." । ଏହି ଗୀତରେ ଶାହାରୁଖ୍‌ଙ୍କ ସହିତ ମାଧୁରୀ ଦୀକ୍ଷିତ ଓ କରିସ୍ମା କପୁର ଧମାକେଦାର ନୃତ୍ୟ କରିଛନ୍ତି ।

'ଚମେଲି' ଚଳଚ୍ଚିତ୍ରର "ଭାଗେରେ ମନ..." ବର୍ଷା ଗୀତରେ କରୀନା କପୁରଙ୍କ ଦମ୍‌ଦାର ନୃତ୍ୟ ଦର୍ଶକଙ୍କୁ ବିଭୋର କରେ । ସେହିପରି ୨୦୦୯ରେ ରିଲିଜ୍ ହୋଇଥିବା 'ଦେ ଦନା ଦନ୍' ଚଳଚ୍ଚିତ୍ରର "ଗଲେ ଲଗ ଜା..." ଗୀତରେ କ୍ୟାଟ୍ରିନା କୈଫ୍‌ଙ୍କ ଚମତ୍କାର ନୃତ୍ୟ ଦେଖିବାକୁ ମିଳେ। ନାୟକ ଅକ୍ଷୟ କୁମାରଙ୍କ ସହ କ୍ୟାଟ୍ରିନା ରୋମାଣ୍ଟିକ୍ ମୁଡ୍‌ରେ ଧୁମ୍ ନାଚିଛନ୍ତି। ସେହିପରି ବର୍ଷା ଗୀତରେ ବଲିଉଡ୍ ଅଭିନେତ୍ରୀ ରାନୀ ମୁଖାର୍ଜୀ, ପ୍ରିୟଙ୍କା ଚୋପ୍ରାଙ୍କ ମନମତାଣିଆ ନୃତ୍ୟ ଦେଖିବାକୁ ମିଳେ ।



# ଓଡ଼ିଆ ଚଳଚ୍ଚିତ୍ରରେ ବର୍ଷାର ଦୃଶ୍ୟ







ବଲିଉଡ୍ ଇଣ୍ଡଷ୍ଟ୍ରୀ ପରି ଓଲିଉଡ୍‌ରେ ମଧ ମେଘ, ବର୍ଷା, ପାଣିକୁ ନେଇ ରହିଛି ଅନେକ ଗୀତ । ଝିପି ଝିପି ବର୍ଷାକୁ ନେଇ ଓଡ଼ିଆ ଚଳଚ୍ଚିତ୍ରରେ ସୁଟିଂ ହୋଇଛି ଅନେକ ଗୀତ। ଓଡ଼ିଆ ଚଳଚ୍ଚିତ୍ର ଜଗତ ସହିତ ବର୍ଷାର ସଂପର୍କ ମଧ ଖୁବ୍ ପୁରୁଣା । ୧୯୫୯ ମସିହାରେ ମୁକ୍ତିଲାଭ କରେ ଓଡ଼ିଆ ସିନେମା 'ଶ୍ରୀ ଶ୍ରୀ ମହାଲକ୍ଷ୍ମୀ ପୂଜା' । ଓଡ଼ିଆ ଚଳଚ୍ଚିତ୍ର 'ଶ୍ରୀ ଶ୍ରୀ ମହାଲକ୍ଷ୍ମୀ ପୂଜା'ରେ "ଆକାଶରେ କେତେ ବିଜୁଳି ଚମକେ..." ଗୀତରେ ବର୍ଷାର ଚିତ୍ର ଦେଖିବାକୁ ମିଳେ । ପରେ 'ଲକ୍ଷ୍ମୀ' ଚଳଚ୍ଚିତ୍ରରେ "ବାରିଦରେ ତୁ ଯା' ନା..." ଗୀତ ବର୍ଷା ଉପରେ ଆଧାରିତ । ୧୯୬୭ ମସିହାରେ 'ଅରୁନ୍ଧତୀ' ସିନେମାର "ମୟୁରୀ ଗୋ ତୁମ ଆକାଶେ ମୁଁ ଦିନେ..." ଓ "ଆଜି ମୁଁ ଶ୍ରାବଣୀ, ଲୁହର ଝରଣୀ..." ଗୀତରେ ମେଘ ଓ ବର୍ଷାର ଚିତ୍ର ପ୍ରତିଫଳିତ । ସେହିପରି ପ୍ରଶାନ୍ତ ନନ୍ଦଙ୍କ 'ଶେଷ ଶ୍ରାବଣ' ଚଳଚ୍ଚିତ୍ରରେ "ହାଏରେ ହାଏ ଗରଜେ ମେଘ ଘୁମ ଘୁମ୍...", "ମେଘ ବରଷିଲା ଟୁପୁରୁ ଟାପୁରୁ...", "ମୁଁ ନଦୀ ତୁ ଯେ ସାଗର..." ଆଦି ଗୀତ ବେଶ୍ ଲୋକପ୍ରିୟ ହୋଇପାରିଛି । ଏବେ ବି ଏହି ସବୁ ପ୍ରସିଦ୍ଧ ବର୍ଷା ଗୀତଗୁଡ଼ିକ ଓଡ଼ିଆ ସିନେ ଦର୍ଶକଙ୍କ କଣ୍ଠରୁ ଭାସି ଆସେ । ସେହିପରି 'ବଳିଦାନ'ର "ନେଇ ଯାରେ ମେଘ ମୋତେ...." ଗୀତ ମଧ ଓଡ଼ିଆ ସିନେପ୍ରେମୀଙ୍କ ହୃଦୟକୁ ଗଭୀରଭାବେ ସ୍ପର୍ଶ କରେ ।

ସେହିପରି 'ସନ୍ତାନ' ଚଳଚ୍ଚିତ୍ରର "ଟୁପ୍ ଟାପ୍ ବରଷା ପାନୀ...", 'ତୁମକୁ ପାରୁନି ତ ଭୁଲି'ର "ବରଷା ବରଷା...", 'ପ୍ରେମ ଅଢ଼େଇ ଅକ୍ଷର'ର "ମେଘରୁ ତୁ ଝରିଲୁ ନା...", 'ହିରୋ' ଚଳଚ୍ଚିତ୍ରର "ମୁଁ ତୋର ହିରୋ ଗୋରୀ ତୁ ମୋ ହିରୋଇନ୍....", 'ଆଲୋ ମୋର କଣ୍ଢେଇ'ର "ତୁ କୁହୁଥିଲୁ ନା ନା, ଆଉ ମୁଁ କହୁଥିଲି ହଁ...", 'ପାଗଳ କରିଛି ପାଉଁଜି ତୋର'ରେ "ରିମଝିମ୍ ରିମ୍‌ଝିମ୍ ବର୍ଷା...", 'ମୋ ମନ ଖାଲି ତୋରି ପାଇଁ'ରେ "ଜ୍ୟୋସ୍ନାରେ ଭିଜୁଥିଲେ..." ଆଦି ବର୍ଷା ଗୀତଗୁଡ଼ିକ ବେଶ୍ ଲୋକପ୍ରିୟ ହୋଇପାରିଛି । ସେହିପରି 'କଣ୍ଢେଇ', 'ଏ ମନ ମାନେନା', 'କି ହେବ ଶୁଆ ପୋଷିଲେ', 'ଥୁକୁଲ୍', 'କାଳି ଶଙ୍କର', 'ମୁଁ ସପନର ସୌଦାଗର' ଆଦି ଚଳଚ୍ଚିତ୍ରରେ ମଧ ବର୍ଷା ଗୀତର ଦୃଶ୍ୟରେ ନାୟକନାୟିକାଙ୍କ ରୋମାଣ୍ଟିକ୍ ଭାବ ଦେଖିବାକୁ ମିଳେ। ଓଲିଉଡ୍‌ରେ ବର୍ଷା ଦୃଶ୍ୟର ଗୀତ ଓ ତା'ସହ ଅନେକ ଫିଲ୍ମର ଶୀର୍ଷକ ମଧ ବର୍ଷାକୁ ଆଧାର କରି ଦିଆଯାଇଛି। 'ଅଦିନ ମେଘ', 'ଶେଷ ଶ୍ରାବଣ', 'ମେଘମୁକ୍ତି', 'ବର୍ଷା ମାଇଁ ଡାର୍ଲିଂ', 'ନେଇ ଯାରେ ମେଘ ମୋତେ', ' ମେଘ ସବାରୀରେ ଆସିବ ଫେରି' ଆଦି ଚଳଚ୍ଚିତ୍ରର ଶୀର୍ଷକ ବର୍ଷା ଉପରେ ଆଧାରିତ । ଓଡ଼ିଆ ଚଳଚ୍ଚିତ୍ରରେ ଅନେକ ଗୀତରେ ଯେପରି ବର୍ଷାର ଚିତ୍ର ଅତି ଚମତ୍କାର ଭାବେ ପ୍ରସ୍ଫୁଟିତ, ସେହିପରି ଅନେକ ଓଡ଼ିଆ ଅଲବମ୍‌ରେ ମଧ ରହିଛି ବହୁ ରୋମାଣ୍ଟିକ୍ ବର୍ଷା ଗୀତ । ଯାହାକୁ ଦର୍ଶକମାନେ ବେଶ୍ ପସନ୍ଦ କରିଛନ୍ତି ।

ମିଛି ମିଛିକା ମେଘ, ବର୍ଷା, ଘଡ଼ଘଡ଼ି, ବିଜୁଳି ରୂପେଲି ପରଦାରେ ବେଶ୍ ଚିତ୍ତାକର୍ଷକ । ବଲିଉଡ୍‌ଠାରୁ ଓଲିଉଡ୍ ପର୍ଯ୍ୟନ୍ତ ସବୁଠି ରହିଛି ବର୍ଷାର ଆଦର । ତେଣୁ ଦର୍ଶକଙ୍କ ରୁଚି ଓ ଚାହିଦାକୁ ଦୃଷ୍ଟିରେ ରଖି ସିନେ ନିର୍ମାତା, ନିର୍ଦ୍ଦେଶକ ନିଜ ଚଳଚ୍ଚିତ୍ରରେ ବର୍ଷାର ଦୃଶ୍ୟକୁ ସ୍ଥାନିତ କରୁଛନ୍ତି । ଗୀତଗୁଡ଼ିକ ହିଟ୍ ହେବା ସହ ସିନେ ପ୍ରଯୋଜକମାନେ ବ୍ୟାବସାୟିକ ସଫଳତା ମଧ ଲାଭ କରୁଛନ୍ତି । ରୁପେଲି ପରଦାରେ ବର୍ଷା ଦୃଶ୍ୟର ମଜା ସବୁବେଳେ ନିଆରା ଓ ଅବିସ୍ମରଣୀୟ । ■

## ହିନ୍ଦୀ ସିନେମାରେ ବର୍ଷା ଗୀତ

| ଚଳଚ୍ଚିତ୍ର | ଗୀତ |
|---|---|
| ଆରାଧନା | ରୂପ୍ ତେରା ମସ୍ତାନା... |
| ରୋଟୀ କପଡ଼ା ଔର୍ ମକାନ୍ | ହାୟ ହାୟ ୟେ ମଜବୁରୀ.... |
| ଆଗ୍ ଔର ଶୋଲା | ଅବ୍ କେ ବରସ୍ ୟୁଁ ବରଷ... |
| ହମ୍ ତୁମ୍ | ସାଁସୌ କୋ ସାଁସୋସେ... |
| ଫନା | ଦେଖୋ ନା... |
| ସରଫରୋସ୍ | ଯୋ ହାଲ୍ ଦିଲ୍ କା.... |
| ଚିରାଗ | ଛାଇ ବରଖା ବହାର ପଡେ ଅଙ୍ଗନା ଫୁହାର ପିୟା |
| ପରଖ | ଔ ସାଜନା ବରଖା ବହାର ଆଇ... |
| ଜାଗତେ ରହୋ | ଥଣ୍ଡୀ ଥଣ୍ଡୀ ସାୱନ୍ କୀ ଫୁହାର |
| କାଲାବାଜାର | ରିମ୍‌ଝିମ୍ କେ ତରାନେ ଲେ କେ ଆଇ ବରଷାତ୍ |
| ମିଲନ | ସାୱନ୍ କା ମହୀନା ପୱନ କରେ ଶୋର... |
| ଅନଜାନା | ରିମ୍‌ଝିମ୍ କେ ଗୀତ ସାୱନ ଗଏ ଭିଗୀ ଭିଗୀ ... |
| ଦୋ ରାସ୍ତେ | ଛୁପ୍ ଗୟେ ସାରେ ନଜାରେ ଆଏ କ୍ୟା.... |
| ମେରା ଗାଁଓ ମେରା ଦେଶ୍ | କୁଛ୍ କହତା ହେ ୟେ ସାୱନ... |
| ଆୟା ସାୱନ ଝୁମ୍ କେ | ବଦରା ଛାଏ ଝୁଲେ ପଡ଼ ଗଏ ହାଏ.... |
| ଗାଇଡ୍ | ଓଲ୍ଲାହ ମେଘ ଦେ ପାନୀ ଦେ ଛାୟା ଦେ... |
| ପ୍ୟାସା ସାୱନ | ମେଘାରେ ମେଘାରେ... |
| ପହେଲି | ବୃଷ୍ଟି ପଡେ ଟାପୁର ଟାପୁର... |
| କିନାରା | ଅବକେ ନ ସାୱନ ବରଷେ ଅବକେ ବରଷ ତୋ... |
| ଆଶୀର୍ବାଦ | ଝିର୍ ଝିର୍ ବରଷେ ସବଲୀଁ ଅଁଖିୟାଁ... |
| ଇଜାଜତ୍ | ବାରିଷୋଁ କେ ପାନୀ ସେ ଛୋଟୀ ସେ କାହାନୀ... |
| ନମକୀନ | ଫିର୍ ସେ ଆଇୟୋ ବଦରା ବିଦେସୀ... |
| ଲଗାନ | ଘନନ ଘନନ ଘନ... |
| ପହେଲି | ବୃଷ୍ଟି ପଡ଼େ ଟାପୁର ଟାପୁର... |
| ସୁଜାତା | କାଲେ ଘାଟା ଛାୟେ ମୋରା ଜିୟା ତରସାୟେ... |

# ବର୍ଷା ବିଚିତ୍ରତା

ଭାରତରେ ଅଲଗା ଅଲଗା ଜାତି, ଧର୍ମ ଓ ସଂପ୍ରଦାୟରେ ଭିନ୍ନ ଭିନ୍ନ ପ୍ରଥା ପରମ୍ପରା ପ୍ରଚଳିତ । ସେହିପରି କିଛି ଅଜବ ପରମ୍ପରା ବି ଅଛି, ଯାହାକୁ ପିଢ଼ି ପିଢ଼ି ଧରି ପାଳିତ ହୋଇ ଆସୁଛି । ଏହି କ୍ରମରେ ବର୍ଷାକୁ ନେଇ ବି ବିଭିନ୍ନ ନିଆରା ପ୍ରଥା ରହିଛି । ବିଶେଷକରି ଭଲ ବର୍ଷା ପାଇଁ ବିଭିନ୍ନ ସ୍ଥାନରେ ବେଙ୍ଗବେଙ୍ଗୁଲିଙ୍କ ବାହାଘରଠାରୁ ଆରମ୍ଭ କରି ଇନ୍ଦ୍ର ପୂଜା, କାଦୁଅ ସ୍ନାନ ଭଳି ଅଜବ ପରମ୍ପରା ଦେଖିବାକୁ ମିଳିଥାଏ । ବର୍ଷାର ଆଗମନ ପାଇଁ ଏଭଳି କିଛି ବିଚିତ୍ର ପରମ୍ପରାକୁ ନେଇ ଏହି ଉପସ୍ଥାପନା ।



## ବେଙ୍ଗ-ବେଙ୍ଗୁଲି ବାହାଘର

ଫସଲ ଓ ପରିବେଶକୁ ଅନୁକୂଳ କରିବାରେ ବର୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ । ବେଳେ ବେଳେ ନିଅଣ୍ଟିଆ ତଥା ବର୍ଷାଭାବ ଯୋଗୁଁ ଚାଷୀଙ୍କୁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ । କୁହାଯାଏ, ବେଙ୍ଗ ବେଙ୍ଗୁଲି ବାହାଘର କରାଇଲେ ଭଲ ବର୍ଷା ହୁଏ । ଏହି କ୍ରମରେ ଓଡ଼ିଶା, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶରେ ବର୍ଷା ପାଇଁ ବେଙ୍ଗବେଙ୍ଗୁଲି ବାହାଘର କରାଯାଏ । ଯାହାକି ଖୁବ୍ ଲୋକପ୍ରିୟ। ଅବଶ୍ୟ ବେଙ୍ଗ-ବେଙ୍ଗୁଲିଙ୍କ ବାହାଘର ପରେ ସେମାନଙ୍କୁ ପୋଖରୀକୁ ଛାଡ଼ି ଦିଆଯାଏ। ଅତୀତରେ ଓଡ଼ିଶାର ନୂଆପଡ଼ା ଜିଲ୍ଲାରେ ଚାଷୀମାନେ ବର୍ଷା ପାଇଁ ଭଗବାନଙ୍କ ଶରଣ ପଶିଥାନ୍ତି। ତେଣୁ ତରବୋଡ଼ ଗାଁରେ ବର୍ଷା ପାଇଁ ବେଙ୍ଗବେଙ୍ଗୁଲି ବାହାଘର କରିଥିଲେ। ଏଠାରେ ବର୍ଷା ନ ଥିବାରୁ ଚାଷୀମାନେ ସମସ୍ୟାରେ ପଡ଼ିଥାନ୍ତି। ବର୍ଷା ଅଭାବରୁ ଅନେକ ଜମି ପଡ଼ିଆ ପଡ଼ିଥିବା ବେଳେ ଚାଷ ଜମି ଶୁଖି ଫାଟି ଯାଏ । ଲୋକ ବିଶ୍ୱାସ ଅଛି ଯେ, ଏମିତି ପରିସ୍ଥିତିରେ ବେଙ୍ଗବେଙ୍ଗୁଲି ବାହାଘର କଲେ ଭଲ ବୃଷ୍ଟିପାତ ହୁଏ। ପାରମ୍ପରିକ ରୀତି ଅନୁଯାୟୀ, ଦୁଇଟି ପରିବାରକୁ ବରପକ୍ଷ ଓ କନ୍ୟାପକ୍ଷ ରୂପେ ମନୋନୀତ କରାଯାଏ । ବର ପକ୍ଷରୁ ଗୋଟିଏ ଛୋଟ ପୁଅ ଓ କନ୍ୟା ପକ୍ଷରୁ ଛୋଟ ଝିଅକୁ ବର କନ୍ୟା ସଜାଇ ବେଦିକୁ ନିଆଯାଏ । ଦୁହେଁ ବେଙ୍ଗବେଙ୍ଗୁଲିକୁ ଧରି ବେଦିରେ ବସନ୍ତି । ପୁରୋହିତ ମଧ୍ୟ ବୈଦିକ ରୀତିରେ ପୂଜାର୍ଚ୍ଚନା କରନ୍ତି ।

ସେହିପରି ଗଞ୍ଜାମ ଜିଲ୍ଲା ସୋରଡ଼ା ବ୍ଲକ୍‌ର ସାନଗୋଛା ଗ୍ରାମରେ ପୁରାତନ କାଳରୁ ବର୍ଷା ପାଇଁ ବେଙ୍ଗବେଙ୍ଗୁଲି ନାଚ ଦେଖିବାକୁ ମିଳେ । ଏହାବାଦ୍ ମାଲକାନାଗିରି ସେରପାଲି ଗାଁର ଆଦିବାସୀ ଲୋକେ ବି ଭଲ ବର୍ଷା ପାଇଁ ବେଙ୍ଗ ବେଙ୍ଗୁଲିଙ୍କ ବିବାହ ଆୟୋଜନ କରିଥାନ୍ତି ।



## ଜୀବନ୍ତ ବ୍ୟକ୍ତିଙ୍କ ଶବଯାତ୍ରା

ମଧ୍ୟପ୍ରଦେଶ ଧାର ଅଞ୍ଚଳରେ ବର୍ଷାକୁ ନେଇ ସବୁଠୁ ବିଚିତ୍ର ପରମ୍ପରା ରହିଛି। ଏଠାରେ ଲୋକେ ଜୀବନ୍ତ ମଣିଷର ଶବ ଯାତ୍ରା ଆୟୋଜନ କରିଥାନ୍ତି। ଏଭଳି କରିବା ଦ୍ୱାରା କୁଆଡ଼େ ଇନ୍ଦ୍ର ଦେବ ପ୍ରସନ୍ନ ହେବା ବିଶ୍ୱାସ ରହିଛି। ତେଣୁ ଭଲ ବର୍ଷା ପାଇଁ ଲୋକେ ଏହି ପରମ୍ପରା ପାଳନ କରିବାକୁ ପଛାଇ ନ ଥାନ୍ତି ।



## ବର୍ଷାର ମୁଖ୍ୟ ଆକର୍ଷଣ ଗଧ

ସେହିପରି ବର୍ଷା ଲାଗି ଗଧକୁ ନେଇ ନିଆରା ପରମ୍ପରା ରହିଛି । ମଧ୍ୟପ୍ରଦେଶ ଛିନ୍ଦବାଡାରେ ଭଲ ବର୍ଷା ପାଇଁ ଶୀତଳା ମାତାଙ୍କ ମନ୍ଦିରରେ ବିଶେଷ ଆୟୋଜନ କରାଯାଏ। ଏହି ଆୟୋଜନର ମୁଖ୍ୟ ଆକର୍ଷଣ ଥାଏ ଗଧ। ଏଠାରେ ଗଧକୁ ସୁନ୍ଦର ଭାବେ ସଜାଯାଏ। ଏହାପରେ ତା'ଉପରେ ଜଣେ ପିଲାଙ୍କୁ ବସାଇ ଗଧର ଶୋଭାଯାତ୍ରା ବାହାରେ। ଏଭଳି କରିବା ଦ୍ୱାରା ଭଲ ବର୍ଷା ହେବା ବିଶ୍ୱାସ ରହିଛି ।

## ବର୍ଷା ପାଇଁ ଇନ୍ଦ୍ର ପୂଜା

ଇନ୍ଦ୍ର ଦେବତାଙ୍କୁ ପୂଜା କଲେ ଭଲ ବର୍ଷା ହେବ । ବର୍ଷା ହେଲେ ଭଲ ଫସଲ ଅମଳ ହେବ । ଏହି ବିଶ୍ୱାସ ରଖି ଲୋକେ ବର୍ଷା ପାଇଁ ଇନ୍ଦ୍ରଙ୍କ ପୂଜା କରିଥାନ୍ତି । ଅନୁଗୁଳ ଜିଲ୍ଲା ବନ୍ତଳା ଅଞ୍ଚଳ ପୋକତୁଙ୍ଗା ଗ୍ରାମରେ ବର୍ଷା ପାଇଁ ଇନ୍ଦ୍ରପୂଜା ସହ ହୋମଯଜ୍ଞ ଅନୁଷ୍ଠିତ ହୋଇଥାଏ। ସେହିପରି ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ବାଣିଭୂଷଣପୁର ପଂଚାୟତର ୯ ଖଣ୍ଡ ମୌଜାର ଚାଷୀମାନେ ଏକତ୍ରିତ ହୋଇ ସ୍ୱତନ୍ତ୍ର ପୂଜା ପାଠ, ହୋମଯଜ୍ଞ, ନାମ ସଙ୍କୀର୍ତ୍ତନ କରି ଇନ୍ଦ୍ର ଦେବତାଙ୍କୁ ପ୍ରସନ୍ନ କରନ୍ତି । ଦୀର୍ଘ ୭୦ରୁ ଅଧିକ ବର୍ଷ ହେବ ଚାଷୀମାନେ ବର୍ଷା ପାଇଁ ଇନ୍ଦ୍ର ଦେବତାଙ୍କୁ ପୂଜା କରି ଆସୁଛନ୍ତି ।

ଅନ୍ୟପଟେ ରାଜସ୍ଥାନରେ ବି ବର୍ଷା ପାଇଁ ଇନ୍ଦ୍ର ପୂଜା କରାଯାଉଥିବା ଦେଖାଯାଏ। ଏଠାରେ ୨୦୦ ବର୍ଷ ଧରି ଭଲ ବୃଷ୍ଟିପାତ ପାଇଁ ଇନ୍ଦ୍ର ଦେବଙ୍କୁ ପୂଜା କରାଯାଇ ଆସୁଛି । ଏହି ପୂଜା ଭିଲୱାଡ଼ା କୋଲି ସମାଜ ପ୍ରତିବର୍ଷ କରିଥାନ୍ତି ।







## କୁମ୍ଭୀର ସହ ବିବାହ

ଦକ୍ଷିଣ ମେକ୍ସିକୋର ଏକ ଛୋଟ ସହରର ମେୟର ଭିକ୍ଟର ହ୍ୟୁଗୋ ସୋସା କୁମ୍ଭୀର ସହିତ ବିବାହ କରି ଚର୍ଚ୍ଚା ସାଉଁଟିଥିଲେ। ଭଲ ଫସଲ ଓ ଶାନ୍ତି ଆଣିବା ଲାଗି ସେ ଏହି ବହୁ ପୁରୁଣା ପରମ୍ପରାକୁ ପାଳନ କରି ସରୀସୃପକୁ ବିବାହ କରିଥିଲେ। ଏଠାରେ ସାପକୁ କନ୍ୟା ଭାବେ ସଜାଯାଏ। କନ୍ୟା ଭଳି ପୋଷାକ ବି ପିନ୍ଧାଯାଏ। ସୁରକ୍ଷା ଦୃଷ୍ଟିରୁ ସାପର ପାଟିକୁ ବାନ୍ଧି ଦିଆଯାଏ। ଏହି ନିଆରା ବାହାଘର ସହରର ଟାଉନ ହଲ୍‌ରେ ଅନୁଷ୍ଠିତ ହୁଏ।

## ବର୍ଷା ପାଇଁ କାଦୁଅ ସ୍ନାନ

ବର୍ଷା ନ ହେବାରୁ ଭୀଷଣ ଗରମ ଏବଂ ଚାଷ ପାଇଁ ଲୋକେ ଚିନ୍ତାରେ ରହନ୍ତି। ତେଣୁ ଯେଭଳି ଭଲ ବର୍ଷା ହେବ ଉତ୍ତର ପ୍ରଦେଶରେ କାଦୁଅ ସ୍ନାନର ପରମ୍ପରା ଅଛି । ମହାରାଜଗଞ୍ଜ ନୌତନବାରେ ରହୁଥିବା ମହିଳାମାନେ ଏଠାକାର ପୂର୍ବତନ ଚେୟାରମ୍ୟାନ୍ ଗୁଡ୍ଡୁ ଖାନଙ୍କ ଘରେ ପହଞ୍ଚି ଥିଲେ। ତାଙ୍କ ହାତଗୋଡ଼ ବାନ୍ଧି ତାଙ୍କୁ ଏକ ଚୌକି ଉପରେ ବସାଯାଇଥିଲା । ଏହାପରେ ମହିଳାମାନେ ତାଙ୍କୁ କାଦୁଅରେ ଗାଧୋଇ ଥିଲେ । ମହିଳାମାନେ ବର୍ଷା ପାଇଁ ଏହି ପୁରୁଣା ପରମ୍ପରା ନିର୍ବାହ କରିଥାନ୍ତି । ଏଭଳି କରି ସେମାନେ ଇନ୍ଦ୍ରଦେବଙ୍କୁ ଖୁସି କରିବାକୁ ଚେଷ୍ଟା କରିଥାନ୍ତି । ■



# ବର୍ଷାଦିନିଆ ବେପାର

**ସଂପୂର୍ଣ୍ଣା ଦାସ**, ଭୁବନେଶ୍ୱର

ବର୍ତ୍ତମାନ ବର୍ଷା ଦିନ ଆସିବାରୁ ଚଳଚଞ୍ଚଳ ହୋଇ ଉଠିଛି ଦୋକାନ ବଜାର । ଋତୁ ଅନୁଯାୟୀ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ଏବେ ଛତା, ରେନ୍‌କୋଟ୍ ବା ବର୍ଷାତି ବିକ୍ରି ଆରମ୍ଭ କଲେଣି । ଓଡ଼ିଶାର ଛୋଟ ବଡ଼ ସହରର ଛକ ଓ ରାସ୍ତାକଡ଼ରେ ଷ୍ଟଲ୍ କରି ଏବେ ବ୍ୟବସାୟୀ ଭଳି କି ଭଳି ଛତା ବିକ୍ରି କରୁଛନ୍ତି । ଜନଗହଳି ମାର୍କେଟଗୁଡ଼ିକର ଛୋଟ ବଡ଼ ଦୋକାନଗୁଡ଼ିକରେ ମଧ୍ୟ ବିଭିନ୍ନ ଡିଜାଇନ୍‌ର ଛତା ବିକ୍ରି ହେଉଥିବା ଦେଖିବାକୁ ମିଳୁଛି । ଲୋକେ ଫ୍ୟାଶନ ଛତା କିଣିବା ପାଇଁ ଅଧିକ ପସନ୍ଦ କରୁଛନ୍ତି । ସେଭଳି ପକେଟ୍ ରେନ୍‌କୋଟ୍‌ର ଚାହିଦା ମଧ୍ୟ ଅଧିକ ।

## ବୋତଲ ଓ କ୍ୟାପସୁଲ ଛତାର ଚାହିଦା ଅଧିକ





ଖରା ହେଉ କି ବର୍ଷା । ଛତାର ଆବଶ୍ୟକତା ପଡ଼େ । ବର୍ତ୍ତମାନ ସାରା ରାଜ୍ୟର ପ୍ରତିଦିନ କେଉଁଠି ନା କେଉଁଠି ବର୍ଷା ହେଉଛି । ତେଣୁ ଛତାର ଚାହିଦା ବଢ଼ିବାରେ ଲାଗିଛି । ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଠି ବିଭିନ୍ନ ପ୍ରକାରର ଛତା ବିକ୍ରି ହେଉଛି । ସାଧାରଣ ଛତାଠାରୁ ବ୍ରାଣ୍ଡିଂ ଛତା ସବୁ ବିକ୍ରି ହେଉଛି । ବର୍ତ୍ତମାନ ଆଗ ଭଳି କେବଳ ରଙ୍ଗ ବେରଙ୍ଗ ଛତା ନୁହଁ, ବରଂ ବିଭିନ୍ନ ଭେରାଇଟି ଓ ଡିଜାଇନ୍‌ର ଛତା ଲୋକଙ୍କୁ ଆକର୍ଷିତ କରୁଛି । ଏବେ ଘରେ ଛତା ପୁରୁଣା ହୋଇଗଲେ କି ଭାଙ୍ଗିଗଲେ ତାକୁ ସଜାଡ଼ିବା ପରିବର୍ତ୍ତେ ନୂଆ ଡିଜାଇନ୍‌ର ଛତା କିଣିବା ଏକ ଟ୍ରେଣ୍ଡରେ ପରିବର୍ତ୍ତନ ହେଲାଣି। ତାକୁ ନଜରରେ ରଖି ବ୍ୟବସାୟୀମାନେ ମଧ୍ୟ ଗ୍ରାହକଙ୍କୁ ଆକର୍ଷିତ କରିବାକୁ ଆଡଭାନ୍‌ସ ଛତା ରଖିଲେଣି । ବୋତଲ ଛତା, କ୍ୟାପସୁଲ୍ ଛତା, ମିନି ଛତା ଆଦି ବିଭିନ୍ନ ଡିଜାଇନ୍‌ର ଆକର୍ଷଣୀୟ ଛତା ବଜାରରେ ଉପଲବ୍ଧ ହେଉଛି । ଏହି ଛତାଗୁଡ଼ିକ ଖୁବ୍ ଛୋଟ, ଯାହାକୁ ସୁବିଧାରେ ସବୁଠିକୁ ନେଇ ଯାଇହେବ । ଏହାର ଦାମ୍ ମଧ୍ୟ ଭିନ୍ନ ଭିନ୍ନ । ବୋତଲ ଛତାର ଦାମ୍ ୪୫୦ ଟଙ୍କା, କ୍ୟାପସୁଲ ଛତା - ୪୦୦ ଟଙ୍କା, ମିନି ଛତା - ୩୫୦ ଟଙ୍କାରେ ବିକ୍ରି ହେଉଛି । ଯେତେ ଡିଜାଇନ୍, ଛତାର ଦାମ ମଧ୍ୟ ସେତେ ଅଧିକ । ଡିଜାଇନ୍ ଛତା ହିଁ ଗ୍ରାହକ ଆସି ବେଶୀ ଖୋଜୁଛନ୍ତି ବୋଲି ଦୋକାନୀମାନେ କହିଛନ୍ତି । ସେହି ଗ୍ରାହକଙ୍କ ମଧ୍ୟରେ କଲେଜ ଓ ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀ ଅଧିକ ରହିଛନ୍ତି ।

## ଗ୍ରାହକଙ୍କ ଚାହିଦା ପକେଟ୍ ରେନ୍‌କୋଟ୍

ବର୍ଷା ଋତୁରେ ବିଶେଷ କରି ବାଇକ୍ ଓ ସ୍କୁଟି ଚାଳକଙ୍କ ପାଇଁ ରେନ୍‌କୋଟ୍‌ର ଆବଶ୍ୟକତା ପଡ଼ିଥାଏ । ତେଣୁ ଛତା ଭଳି ବର୍ଷା ଦିନରେ ରେନ୍‌କୋଟ୍‌ର ମଧ୍ୟ ଚାହିଦା ରହିଥାଏ। ରାଜଧାନୀ ଭୁବନେଶ୍ୱରଠାରୁ ଆରମ୍ଭ କରି ରାଜ୍ୟର ସମ୍ବଲପୁର, ରାଉରକେଲା, ବ୍ରହ୍ମପୁର, ବାଲେଶ୍ୱର ଆଦି ସହରଗୁଡ଼ିକରେ ମଧ୍ୟ ବିଭିନ୍ନ ଦୋକାନ, ବଜାରରେ ଭଳିକି ଭଳି ରେନ୍‌କୋଟ୍ ବିକ୍ରି ହେଉଛି। ଛତା ତୁଳନାରେ ରେନ୍‌କୋଟ୍‌ର ସେପରି ଅଧିକ ଭେରାଇଟି ନଥିଲେ ବି ଏଥିରେ କିଛିଟା ନୂଆ ପ୍ରକାର ରହିଛି । ପକେଟ୍ ରେନ୍‌କୋଟ୍, ୟୁଜ୍ ଆଣ୍ଡ ଥ୍ରୋ ରେନ୍‌କୋଟ୍ ଆଦି ବିଭିନ୍ନ ପ୍ରକାର ରେନ୍‌କୋଟ୍ ବିକ୍ରି ହେଉଛି । ସାଧାରଣ ରେନ୍‌କୋଟ୍‌ର ଦାମ୍ ୪୫୦ରୁ ଆରମ୍ଭ ହୋଇ ଦୁଇ ହଜାର, ତିନି ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି । ବ୍ରାଣ୍ଡେଡ୍ ରେନ୍‌କୋଟ୍‌ଗୁଡ଼ିକର ଦାମ୍ ଅଧିକ। ବର୍ତ୍ତମାନ ବାଇକ୍,ସ୍କୁଟିରେ ଅଫିସ ଯାଉଥିବା ସରକାରୀ ଓ ବେସରକାରୀ କର୍ମଚାରୀମାନେ ଅଧିକ ରେନ୍‌କୋଟ୍ ଖୋଜୁଛନ୍ତି। ଓଡ଼ିଶା ବଜାରକୁ ବିଶେଷ କରି କୋଲକାତାରୁ ଛତା ଓ ରେନ୍‌କୋଟ୍ ଆସୁଛି । ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବିଭିନ୍ନ ବୟସ ପୁରୁଷ, ମହିଳାଙ୍କ ରେନ୍‌କୋଟ୍ ବଜାରରେ ବିକ୍ରି ହେଉଛି ।





## ରାଜଧାନୀ ରାସ୍ତାକଡ଼ରେ ଜାମୁକୋଳି ପସରା

ବର୍ଷା ଋତୁ ଆଣିଛି ଜାମୁକୋଳିର ପସରା। ରାଜଧାନୀର ବିଭିନ୍ନ ଛକବଜାର, ରାସ୍ତାକଡ଼ରେ ଏବେ ଅନ୍ୟ ଫଳ ଅପେକ୍ଷା ଜାମୁକୋଳି ବିକ୍ରି ଅଧିକ ହେଉଛି । କେବଳ ରାସ୍ତା କଡ଼ ଏବଂ ବଜାର ନୁହଁ, ବରଂ ପାର୍କ ସମ୍ମୁଖରେ ମଧ୍ୟ ଜାମୁକୋଳିର ପସରା ମେଲିଛି । ବର୍ଷା ଋତୁରେ ଏହା କିଛି ଲୋକଙ୍କୁ ରୋଜଗାରର ପନ୍ଥା ଯୋଗାଉଛି । ରାସ୍ତାକଡ଼ରେ ଥିବା ଜାମୁ କୋଳି ଗଛରୁ କୋଳି ସଂଗ୍ରହ କରି ସେଠାରେ ପସରା ମେଲାଇ ବସିଛନ୍ତି ବେପାରୀ। କିଲୋ ପିଛା ୧୮୦ରୁ ଦୁଇ ଶହ ଟଙ୍କା ହିସାବରେ ବିକ୍ରି କରୁଛନ୍ତି। ସେହିପରି ଅଧା କିଲୋ କିଲୋକୁ ୯୦ ଟଙ୍କା ଆଉ ଅଢ଼େଇଶହ ଗ୍ରାମ୍‌କୁ ୫୦ ଟଙ୍କାରେ ବିକ୍ରି ହେଉଛି । ଏନେଇ ରାସ୍ତାରେ ବସି ଜାମୁକୋଳି ବିକ୍ରି କରୁଥିବା ବେପାରୀ କୁହନ୍ତି "ସହରର ଉପକଣ୍ଠ ଗାଁଗୁଡ଼ିକରୁ କୋଳି ସଂଗ୍ରହ କରିବାକୁ ପଡୁଥିବା ବେଳେ ସହର ଭିତରୁ ମଧ୍ୟ କିଛି ସଂଗ୍ରହ କରିବାକୁ ପଡ଼ିଥାଏ। ଏହି କୋଳିର ଔଷଧୀୟ ଗୁଣ ଥିବାରୁ ଏହାର ଚାହିଦା ସବୁବେଳେ ରହିଥାଏ । ବିଶେଷକରି କୋଳିକୁ ବୟସ୍କ ଲୋକ ଅଧିକ କିଣୁଛନ୍ତି । ଏହାସହ ମଧୁମେହ ରୋଗୀଙ୍କ ପାଇଁ ଏହା ବେଶ ହିତକର ଅଟେ ।" ସେହିଭଳି ଦେଶୀ କୋଳି ବ୍ୟତୀତ ପାହାଡ଼ିଆ ଜାମୁକୋଳି ମୁଖ୍ୟତଃ ନୟାଗଡ଼, ରାୟଗଡ଼ା, ଝାରସୁଗୁଡ଼ା, କେନ୍ଦୁଝରରୁ ଆସୁଥିବା ବ୍ୟବସାୟୀ କହିଛନ୍ତି । ରାଜଧାନୀବାସୀ ଏଭଳି ଜାମୁକୋଳି କିଣିବାକୁ ଆଗ୍ରହ ପ୍ରକାଶ ମଧ୍ୟ କରୁଛନ୍ତି ।



ବର୍ଷାଦିନେ ବାୟୁମଣ୍ଡଳ ଆର୍ଦ୍ରତା ବୃଦ୍ଧି ଓ ସନ୍ତସନ୍ତିଆ ପରିବେଶ ଯୋଗୁ ବିଭିନ୍ନ ଜୀବାଣୁ, ଭୂତାଣୁ ଓ କବକ ସହଜରେ ବୃଦ୍ଧି ପାଆନ୍ତି । ଏହି ଦିନରେ ସ୍ୱଚ୍ଛତା ସହିତ ନିଜର ସଠିକ୍ ଯତ୍ନ ନ ନେଲେ, ବିଭିନ୍ନ ପ୍ରକାରର ରୋଗ ଦେଖାଯାଇଥାଏ । ଭୂତାଣୁ ଓ ଜୀବାଣୁ ଜନିତ ଜ୍ୱରରେ ନାକରୁ ପାଣି ଗଡ଼ିବା, ଥକ୍କା ଲାଗିବା, ତଣ୍ଟି ଦରଜ ହେବା, ଲଗାତାର କାଶ ହେବା ଆଦି ଲକ୍ଷଣ ସାଧାରଣ କଥା । ସେହିପରି ପରିବେଶ ସନ୍ତସନ୍ତିଆ ରହିବା ଯୋଗୁଁ ହାତ, ପାଦରେ କାଦୁଅ ଲାଗି ଚର୍ମ ଓ ନଖ ସଂକ୍ରମଣ ହୋଇଥାଏ । ବର୍ଷାରେ ଭିଜିବା କିମ୍ବା ଓଦା କପଡ଼ା ପିନ୍ଧିବା ମଧ୍ୟ ଚର୍ମ ସଂକ୍ରମଣର କାରଣ ସାଜିପାରେ । ଟାଇଫଏଡ୍, ଝାଡ଼ାବାନ୍ତି, ନିମୋନିଆ, ପେଟଜନିତରୋଗ ହେବାର ଆଶଙ୍କା ଅଧିକ ଥାଏ । ବର୍ଷାଦିନେ କିଭଳି ସ୍ୱାସ୍ଥ୍ୟର ଯତ୍ନ ନେବା ଆବଶ୍ୟକ ତାକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।

# ବର୍ଷାଦିନେ ସ୍ୱାସ୍ଥ୍ୟର ଯତ୍ନ



ଡାକ୍ତର ଚିର ରଞ୍ଜନ ଖାଡ଼ଙ୍ଗା

## ବାୟୁବାହିତ ରୋଗ

ବର୍ଷାଦିନେ ଦେଖାଯାଉଥିବା ସଂକ୍ରମକ ରୋଗଗୁଡ଼ିକ ମଧ୍ୟରୁ ଋତୁକାଳୀନ ଓ କମନ କୋଲ୍ଡ ସାଧାରଣ କଥା । ସାଧାରଣତଃ ଜୀବାଣୁ ଓ ଭୂତାଣୁ ସଂକ୍ରମଣ ଯୋଗୁଁ ସର୍ଦ୍ଦି, ଫ୍ଲୁ, ଇନ୍ଫ୍ଲୁଏଞ୍ଜା, ମୁଣ୍ଡବିନ୍ଧା, ଜ୍ୱର ଓ ମାଂସପେଶୀ ବ୍ୟଥା ଆଦି ବାୟୁ ବାହିତ ରୋଗ ହୁଏ । ଏହାଦ୍ୱାରା ତଣ୍ଟି ଧରିବା, ନାକରୁ ପାଣି ବାହାରିବା, ତଣ୍ଟି, ଗଳା, ଛାତି (ନିମୋନିଆ) ଓ ନାକ ସଂକ୍ରମଣ ହୋଇଥାଏ । ଭୂତାଣୁଜନିତ ସଂକ୍ରମଣ ସାଧାରଣତଃ ଆପେ ଆପେ ୭ରୁ ୧୦ଦିନ ଦିନ ମଧ୍ୟରେ ଠିକ୍ ହୋଇଯାଇଥାଏ । ଗୁରୁତର ହେଲେ ଚିକିତ୍ସକଙ୍କ ପରାମର୍ଶ ଦରକାର । ସେହିପରି ଜୀବାଣୁ ଜନିତ ସଂକ୍ରମଣ ପାଇଁ ଆଣ୍ଟି ବାୟୋଟିକ୍ ଆବଶ୍ୟକ ହୋଇଥାଏ । ରକ୍ତ ପରୀକ୍ଷା କରି ଏହି ରୋଗ ବିଷୟରେ ଜଣାପଡ଼ିଥାଏ । ରୋଗପ୍ରତିରୋଧ ଶକ୍ତି କମିଲେ, ଥଣ୍ଡା ଜ୍ୱରରେ ଶିଶୁ ଓ ବୟସ୍କ ଅଧିକ ପ୍ରଭାବିତ ହୁଅନ୍ତି । ତେଣୁ ଅତି କମ୍ ବୟସର ଶିଶୁ ଆଲର୍ଜି ଓ ପୁଷ୍ଟିହୀନ ପିଲାମାନେ ଡାକ୍ତରଙ୍କ ପରାମର୍ଶକ୍ରମେ ବର୍ଷାଋତୁ ପୂର୍ବରୁ ଫ୍ଲୁ ଟିକା ନେଇ ପାରିବେ । କମ୍ପ ହୋଇ ଅତ୍ୟଧିକ ଜ୍ୱର, ଆଖି ଓ ପରିସ୍ରା ହଳଦିଆ ଦେଖାଯିବା, ବାନ୍ତି ହେବା, ପେଟ କାଟିବା, ମୁଣ୍ଡ ବିନ୍ଧିବା ଆଦି ଲକ୍ଷଣ ଦେଖାଗଲେ, ଡାକ୍ତରଙ୍କୁ ପରାମର୍ଶ କରି ଔଷଧ ସେବନ କରିପାରିବେ । ଅପପୁଷ୍ଟି ଭୋଗ କରୁଥିବା ଶିଶୁ, ଯକ୍ଷ୍ମା ପୀଡ଼ିତ, ଏଡ୍ସ ପୀଡ଼ିତଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଆଣ୍ଟିବାୟୋଟିକ୍ ଦିଆଯାଏ । ଏହି ଦିନେ ପାଣିକୁ ଫୁଟାଇ ଥଣ୍ଡା ହେବା ପରେ ପିଇବା ସ୍ୱାସ୍ଥ୍ୟ ପାଇଁ ହିତକର । ମଧୁମେହ, ହୃଦ୍ ରୋଗୀ, କର୍କଟ, ଯକ୍ଷ୍ମା ତଥା ଅନ୍ୟ ଗମ୍ଭୀର ରୋଗ ଥିଲେ ବର୍ଷାଦିନେ ସଂକ୍ରମଣରୁ ବର୍ତ୍ତିବାକୁ ସତର୍କ ରୁହନ୍ତୁ ।



## ଜଳବାହିତ ରୋଗ

ବର୍ଷାଦିନେ ବିଭିନ୍ନ ସ୍ଥାନରେ ପାଣି ଜମିଯାଉଥିବାରୁ ଖାଦ୍ୟ ଓ ପାଣି ପ୍ରଦୂଷିତ ହେବାର ସମ୍ଭାବନା ଥାଏ । ଅପରିଷ୍କାର ସ୍ଥାନରେ ମାଛି ବସି ଉଡ଼ି ଆସି ଖାଦ୍ୟ ପଦାର୍ଥରେ ବସିବା ଏବଂ ସେହି ଖାଦ୍ୟକୁ ଖାଇବା ଦ୍ୱାରା ପେଟରୋଗ, ଝାଡ଼ାବାନ୍ତି, ଡାଇରିଆ, ଜଣ୍ଡିସ୍, ହେପାଟାଇଟିସ୍ ଏ, ହଇଜା, କଲେରା ଆଦି ଆଶଙ୍କା ବୃଦ୍ଧି ପାଇଥାଏ । ହେପାଟାଇଟିସ୍ ଏ ବିଶେଷ ଭାବରେ ଯକୃତ ଉପରେ ଅଧିକ ପ୍ରଭାବ ପକାଇଥାଏ । ଏହା ଫଳରେ ଜଣ୍ଡିସ, ଜ୍ୱର, ବାନ୍ତି ଭଳି ସମସ୍ୟା ଦେଖାଯାଇଥାଏ । କଲେରା ଯୋଗୁଁ ଡିହାଇଡ୍ରେସନ୍ ଏବଂ ଝାଡ଼ାବାନ୍ତି ସମସ୍ୟା ହେବାର ସମ୍ଭାବନା ଅଧିକ ଥାଏ । ତେଣୁ ପାଣିକୁ ଫୁଟାଇ ଥଣ୍ଡା କରି ପିଇବା ଜରୁରି । ଖାଇବା ପୂର୍ବରୁ ହାତ ଭଲଭାବେ ଧୋଇବା ଆବଶ୍ୟକ । ଡାଏଟରେ ଆଣ୍ଟିଅକ୍ସିଡାଣ୍ଟ, ମିନେରାଲ୍ସ, ଭିଟାମିନ୍ ଏବଂ ପୋଷକତତ୍ତ୍ୱଯୁକ୍ତ ପନିପରିବା ସାମିଲ କରିପାରିବେ । ପାଣି ଏବଂ ଖାଦ୍ୟକୁ ଘୋଡ଼ାଇବା ଆବଶ୍ୟକ । ହାତକୁ ସାବୁନରେ ଭଲ ଭାବେ ଧୋଇବା, ବାସି ଖାଦ୍ୟ, ପଚାସଢ଼ା ବା ମାଛି ବସା ଖାଦ୍ୟ, ବାହାରର ଖାଦ୍ୟଠାରୁ ଦୂରେଇ ରହି ସତେଜ ସବୁଜ ପନିପରିବା ଓ ଫଳ ଖାଇବା ଜରୁରି । କ୍ଲୋରିନ୍ ବିଶୋଧିତ ଜଳ ପିଇପାରିବେ ।

## ରୋଗର କାରଣ ମଶା



ବର୍ଷାଦିନେ ପରିବେଶ ସନ୍ତସନ୍ତିଆ ରହିଲେ ମଶା ବଂଶ ବିସ୍ତାର କରନ୍ତି । ସଂକ୍ରମଣ, ଫ୍ଲୁ ତଥା ମଶାମାଛିଙ୍କଠାରୁ ବିଭିନ୍ନ ରୋଗ ସୃଷ୍ଟି ହୁଏ । ଡେଙ୍ଗୁ, ମେଲେରିଆ, ଚିକନଗୁନିଆ, ଟାଇଫଏଡ, ନିମୋନିଆ, ଆଜ୍ମା ଆଦି ଲୋକଙ୍କ ଚିନ୍ତା ବଢ଼ାଏ । ମେଲେରିଆ ହେଲେ, ଜ୍ୱର, ଶରୀର ଯନ୍ତ୍ରଣା, ଥଣ୍ଡା ଲାଗିବା, ଝାଳ ବୋହିଯିବା ଆଦି ଲକ୍ଷଣ ଦେଖାଯାଏ । ସେହିପରି ଡେଙ୍ଗୁ ଆକ୍ରାନ୍ତ ବ୍ୟକ୍ତିଙ୍କ ଶରୀରରେ ଜ୍ୱର, ହାଡ଼ ଓ ମାଂସପେଶୀ ଦରଜ ହେବା, କୁଣ୍ଡାଇହେବା, ପ୍ଲେଟଲେଟ୍ କମିଯିବା ଲକ୍ଷଣ ଦେଖାଯାଏ । ଏହି ଲକ୍ଷଣ ଶରୀରରେ ଦେଖାଗଲେ, ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସାରେ ରହିବା ଜରୁରି । ବର୍ଷାଦିନରେ ବିଶେଷ ଭାବରେ ମ୍ୟାଲେରିଆ ଏବଂ ଡେଙ୍ଗୁରୁ ରକ୍ଷା ପାଇବା ପାଇଁ ମଶାରି ଟାଙ୍ଗି ଶୋଇବା ଉଚିତ । ଘର ଆଖପାଖିରେ ପାଣି ଜମିଥିଲେ ଏହାକୁ ସଫା ରଖିବା ଜରୁରି ।

## ଚର୍ମଜନିତ ରୋଗ

ବର୍ଷା ପାଣିରେ ଭିଜିଲେ ଚର୍ମ ଜନିତ ସମସ୍ୟା ତଥା ଫଙ୍ଗାଲ ଇନ୍ଫେକ୍ସନର ଭୟ ଅଧିକ ଥାଏ । ପାଦ ଓଦା ହେବା ଯୋଗୁଁ ନଖ ମୂଳ ଦରଜ ହୋଇଥାଏ । ନଖ ମୂଳରେ ମାଟି କାଦୁଅ ପଶି କଣିନଖା ହୋଇଥାଏ । ପିଲାମାନେ ଆଲର୍ଜିର ଶିକାର ହୁଅନ୍ତି । ବିଶେଷ କଥା ହେଉଛି, ବର୍ଷାଦିନେ ଲୁଗାପଟା ଶୀଘ୍ର ଶୁଖି ନ ଥାଏ । ଓଦା ପୋଷାକ ପିନ୍ଧି ଦୀର୍ଘ ସମୟ ରହିବାକୁ ହୁଏ । ଅଧିକାଂଶ ଓଦା ଅନ୍ତଃବସ୍ତ୍ର ପିନ୍ଧିବା ଦ୍ୱାରା ଜଙ୍ଘସନ୍ଧିରେ କବକ ସଂକ୍ରମଣ, ପାଦ ପାଣିରେ ବେଶୀ ସମୟ ବୁଡ଼ି ରହିଲେ, ପାଦ ସଂକ୍ରମଣ ଆଦି ହୋଇଥାଏ । ପାଣିରେ କାମ କରିବାର ଥିଲେ ତଥା ଚାଷବାଷ କରୁଥିଲେ ରବର ଯୋତା ପିନ୍ଧିବା ଜରୁରି । ବର୍ଷାରେ ଓଦା ହେଲେ ତୁରନ୍ତ ପୋଷାକ ପରିବର୍ତ୍ତନ କରିବା ଜରୁରି । କୌଣସି ପ୍ରକାର ଚର୍ମଜନିତ ରୋଗ ହେଉଥିଲେ, ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରିପାରିବେ ।

## ଆଖିଧରା

ଆଖିଧରା ହେଉଛି ଏକ ସଂକ୍ରାମକ ରୋଗ । ବର୍ଷାଦିନେ କିମ୍ବା ଋତୁ ପରିବର୍ତ୍ତନ କାରଣରୁ ସଂକ୍ରମଣ ହୋଇ ଆଖି ଲାଲ୍ ହୋଇଯାଏ । ପ୍ରଥମେ ଆଖି କୁଣ୍ଡେଇ ହୋଇ ପରେ ଆଖିର ଧଳା ଅଂଶ ଲାଲ୍ ଦେଖାଯାଏ । ଆଖିରୁ ପାଣି ବୋହିବା, ଲେଞ୍ଜରା ବାହାରିବା, ଯନ୍ତ୍ରଣା ଏବଂ ଦରଜ ମଧ୍ୟ ଅନୁଭୂତ ହୁଏ । ସଂକ୍ରମଣ ଅଧିକ ହେଲେ ଆଖି ଫୁଲିଯାଏ । ଏହା ଶୀଘ୍ର ଅନ୍ୟମାନଙ୍କୁ ବ୍ୟାପିଥାଏ । ତେଣୁ ଆଖି ଧରିଥିବା ଲୋକଙ୍କ ବ୍ୟବହୃତ ଜିନିଷ ବ୍ୟବହାର କରିବା ଅନୁଚିତ । ବାହାରୁ ଆସିଲେ ହାଲ୍କା ଉଷୁମ ପାଣିରେ ଭଲ ଭାବେ ହାତ ଗୋଡ଼ ଧୋଇବା ଆବଶ୍ୟକ । ଏହାପରେ ନଖ ଉଷୁମ ପାଣିରେ ତୁଳା ବୁଡାଇ ଆଖିରେ ୨ରୁ ୩ଥର ପୋଛାଯାଏ । ବାରମ୍ବାର ଆଖିରେ ହାତ ଲଗାନ୍ତୁ ନାହିଁ । ■

ବିଭାଗୀୟ ମୁଖ୍ୟ, ରେଡିଏସନ୍ ଅଙ୍କୋଲୋଜି
ସମ୍ ଅଲ୍ଟିମେଟ୍ ମେଡିକେୟାର୍, ଭୁବନେଶ୍ୱର



# ନୀତି ଅନୀତି ରାଜନୀତି

ଶ୍ରୀବିଦୂର



## ରେକର୍ଡ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ଦେଶ ସ୍ୱାଧୀନତା ପରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଓଡ଼ିଶାରୁ ଢେର ନେତା ସ୍ଥାନ ପାଇଛନ୍ତି । ହରେକୃଷ୍ଣ ମହତାବଙ୍କଠାରୁ ଆରମ୍ଭ ହୋଇଥିବା ଏହି ସୂଚୀ ବେଶ ଦୀର୍ଘ । ନିତ୍ୟାନନ୍ଦ କାନୁନଗୋ କେନ୍ଦ୍ରରେ ୪ଥର ମନ୍ତ୍ରୀ ହୋଇଛନ୍ତି । ବିଭୂଧେନ୍ଦ୍ର ମିଶ୍ର, ବିଜୁ ପଟ୍ଟନାୟକ, ଜାନକୀ ପଟ୍ଟନାୟକ, ନନ୍ଦିନୀ ଶତପଥୀ, ଶ୍ରୀକାନ୍ତ ଜେନା, ଜୁଏଲ୍ ଓରାମ, ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବଙ୍କ ପରି କିଛି ନେତା ଏକାଧିକବାର କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଛନ୍ତି । ସେହିପରି ନବୀନ ପଟ୍ଟନାୟକ, ନୀଳମଣି ରାଉତରାୟ, ସମରେନ୍ଦ୍ର କୁଣ୍ଡୁ, ଭକ୍ତଚରଣ ଦାସ, ଭଜମନ ବେହେରା, ବ୍ରଜ ତ୍ରିପାଠୀ, ଅର୍ଜୁନ ଚରଣ ସେଠୀ, ଦେବେନ୍ଦ୍ର ପ୍ରଧାନ, କାହ୍ନୁ ଲେଙ୍କା, ଦିଲ୍ଲୀପ ରାୟ, ରାମଚନ୍ଦ୍ର ରଥ, ରବି ରାୟଙ୍କ ପରି ଅନେକ ଓଡ଼ିଆ ନେତା କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀପଦ ପାଇଛନ୍ତି । ଏମାନଙ୍କ ମଧ୍ୟରୁ ଅନେକ କ୍ୟାବିନେଟ ମନ୍ତ୍ରୀ ଭାବରେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି । ମାତ୍ର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି । କେନ୍ଦ୍ର ସରକାରରେ କ୍ରମାଗତ ସର୍ବାଧିକ ସମୟ ମନ୍ତ୍ରୀ ରହିବାର ଏପରି ଏକ ଗୌରବର ଅଧିକାରୀ ହୋଇଛନ୍ତି; ଯାହା କୌଣସି ଅନ୍ୟ ଓଡ଼ିଆ ନେତା ହାସଲ କରିପାରି ନାହାନ୍ତି । ୨୦୧୪ ମଇ ୨୬ ତାରିଖରେ ଶ୍ରୀ ପ୍ରଧାନ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ପେଟ୍ରୋଲିୟମ ମନ୍ତ୍ରଣାଳୟର ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ । ପରବର୍ତ୍ତୀ ସମୟରେ ସେ ଇସ୍ପାତ, ଦକ୍ଷତା ବିକାଶ ପରି ବିଭାଗର ମନ୍ତ୍ରୀ ରହିଥିଲେ । ୨୦୨୧ରୁ ସେ ଶିକ୍ଷା ବିଭାଗ ପରି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର ମନ୍ତ୍ରୀ ଭାବରେ କାର୍ଯ୍ୟ କରୁଛନ୍ତି । ଆଜି ସୁଦ୍ଧା କ୍ରମାଗତ ୧୧ ବର୍ଷ ୧ ମାସ ୧୧ ଦିନ ଅର୍ଥାତ୍ ୪୦୫୯ ଦିନ ମନ୍ତ୍ରୀ ରହିବାର ରେକର୍ଡ ଧର୍ମେନ୍ଦ୍ର ପ୍ରଧାନ ସୃଷ୍ଟି କରିଛନ୍ତି । ■



## ନୂଆ ପର୍ଯ୍ୟଟନ- ଲଭର୍ସ ପଏଣ୍ଟ

ଓଡ଼ିଶା ସରକାର ସର୍ବଦା ପର୍ଯ୍ୟଟନକୁ ଗୁରୁତ୍ୱ ଦେଇ ଆସୁଛନ୍ତି । ପୂର୍ବରୁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ଶଙ୍ଖ ସରକାର ପର୍ଯ୍ୟଟନ ବିକାଶ ପାଇଁ ଇକୋ ଟୁରିଜିମ୍ ଅର୍ଥାତ୍ ପରିବେଶ ପର୍ଯ୍ୟଟନ, ଟ୍ରାଇବାଲ ଟୁରିଜିମ୍ ତଥା ଆଦିବାସୀ ଅଞ୍ଚଳ ପର୍ଯ୍ୟଟନର ବିକାଶ ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି । ମାତ୍ର ଏବର ରାଜ୍ୟ ସରକାର ପ୍ରେମ ପର୍ଯ୍ୟଟନ ପରି ଏକ ବିରଳ ପର୍ଯ୍ୟଟନ ନିମନ୍ତେ କୁଆଡ଼େ ଯୋଜନା ଆରମ୍ଭ କରିଛନ୍ତି । ରାଜ୍ୟର ପର୍ଯ୍ୟଟନସ୍ଥଳଗୁଡ଼ିକରେ ପ୍ରେମୀମାନଙ୍କୁ ସୁରକ୍ଷା ଦେବାକୁ ଡେରାନ୍ ଓ ସୁରକ୍ଷା କର୍ମୀ ମୁତୟନ କରିବାକୁ ବି କୁଆଡ଼େ ଲକ୍ଷ୍ୟ ରହିଛି । ଏ କଥା ଆମେ କହୁନାହୁଁ; ଏ କଥା କହିଛନ୍ତି ଆମ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ମ୍ୟାଡାମ । ସାରା ରାଜ୍ୟରେ ମହିଳାଙ୍କ ଉପରେ ଅତ୍ୟାଚାର ଓ ହିଂସା ସୀମା ଟପିଛି, ପ୍ରତିଦିନ କେଉଁଠି ନା କେଉଁଠି ଗଣଦୁଷ୍କର୍ମ ଘଟଣା ଗଣମାଧ୍ୟମର ଶିରୋନାମା ପାଲଟିଛି । ସୁରକ୍ଷା ବ୍ୟବସ୍ଥାର ଅଭାବ ଯୋଗୁଁ ଓଡ଼ିଶାର ପର୍ଯ୍ୟଟନସ୍ଥଳଗୁଡ଼ିକରେ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇଛି । ଚଳିତ ବର୍ଷ ଇକୋ ରିଟ୍ରିଟ ଆୟୋଜନରେ ରାଜ୍ୟ ସରକାର ବହୁ କୋଟି ଟଙ୍କାର କ୍ଷତି ସହିଛନ୍ତି । ଓଡ଼ିଶା ନିକଟରେ ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳ ମଧ୍ୟରୁ ଗୋଟିଏ ଗୋପାଳପୁର ବେଳାଭୂମି ବୁଲିବାକୁ ଯାଇଥିବା ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ ଘଟଣା ସାରା ଦେଶରେ ଓଡ଼ିଶାକୁ ନିନ୍ଦିତ କରିଛି । ଆମେରିକା ନିଜ ଦେଶର ମହିଳା ପର୍ଯ୍ୟଟକମାନଙ୍କୁ ଏକାକୀ ଓଡ଼ିଶା ନ ଯିବାକୁ ମାର୍ଗଦର୍ଶିକା ଜାରି କରିଛି । ଏପରି ସମୟରେ 'ଲଭର୍ସ ପଏଣ୍ଟ'ରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇବାକୁ ମ୍ୟାଡାମ୍ ପ୍ରଭାତୀଙ୍କ ଘୋଷଣା ପ୍ରେମୀଙ୍କୁ ସିନା ଆଶ୍ୱସ୍ତ କରିଛି; ହେଲେ ଫେବ୍ରୁଆରୀ ୧୪ରେ ଭାଲେଣ୍ଟାଇନ ବଇରୀ ବଜରଙ୍ଗୀ କୁଆଡ଼େ ଏହି ଘୋଷଣାରେ ଭାରି ଖପ୍ପା । ■



## ମା'ଠୁ ବେଶି ଭଲପାଏ ଡାହାଣୀ

ଆମେ ପିଲାଦିନେ ବୁଢ଼ୀ ମା'ଠାରୁ ଶୁଣିଥିବା କାହାଣୀରେ ଡାହାଣୀ ଏକ ଭିନ୍ନ ଚରିତ୍ର । ସେ ନବଜାତ ଶିଶୁ ଦେଖିଲେ କୋଳେଇ କାଖେଇ ଭାରି ଆଦର କରେ, ମାତ୍ର ସୁଯୋଗ ପାଇଲେ ନଡ଼ା ବା କୁଟା ଲଗାଇ ତା'ଠୁ କୁଆଡ଼େ ସବୁ ରକ୍ତ ଶୋଷିନିଏ । ସେଥିପାଇଁ ଉପକୂଳ ଓଡ଼ିଶାରେ କଥାଟିଏ ଅଛି - ମା'ଠୁ ଯିଏ ବେଶି ଭଲପାଏ, ସେ ହେଉଛି ଡାହାଣୀ । ଏବେ ଆମ ବରଗଡ଼ ସାଂସଦ କୁନା ନନା ଓରଫ୍ ପ୍ରଦୀପ ପୁରୋହିତଙ୍କୁ ସେମିତି ରାମମନ୍ଦିର ଆଖଡ଼ାର କିଛି ନେତା ଡାହାଣୀ ବୋଲି କହିବା ଆରମ୍ଭ କରି ଦେଇଛନ୍ତି । ସଂସଦରେ କୁନା ପୁରୋହିତଙ୍କ ଶିବାଜୀ ଉପାଖ୍ୟାନ ସେତେବେଳେ ଦଳରେ ବେଶ୍ ଆଲୋଡ଼ନ ସୃଷ୍ଟି କରିଥିଲା । ଯମଙ୍କ ମନ୍ତ୍ରୀ ଚିତ୍ରଗୁପ୍ତଙ୍କ ପାଖରେ ଯେପରି ସମସ୍ତଙ୍କ ପୂର୍ବଜନ୍ମ ଓ ପରଜନ୍ମର ନଥି ଥାଏ, ସେମିତି ଏକ ନଥି କୁନା ନନା କୁମ୍ଭମେଳାରୁ ଆଣିଛନ୍ତି । ଯେଉଁଥିରେ କିଏ ପୂର୍ବଜନ୍ମରେ କ'ଣ ଥିଲେ, ତାହା ଲେଖା ଅଛି ବୋଲି କେହିକେହି କଟାକ୍ଷ କରିଥିଲେ । ଏହାପରେ ଗନ୍ଧମାର୍ଦ୍ଦନ ଦାବିକୁ ନେଇ ଦଳୀୟ ନେତାଙ୍କ ମଧ୍ୟରେ ଏକଘରକିଆ ହୋଇଥିବା କୁନା ନନା ଏବେ ଦଳକୁ ଅକଳରେ ପକାଇବା ପରି ବିବୃତି ଦେଇ ବିବାଦୀୟ ହୋଇଥିବା କୁହାଯାଉଛି । ଜଗନ୍ନାଥ ପ୍ରଧାନଙ୍କ ଗିରଫଦାରୀକୁ ନେଇ ସମୂହ ଛୁଟିରେ ଯାଇଥିବା ଓଏଏସ୍ ଅଧିକାରୀମାନଙ୍କ ବିରୋଧରେ ମନ୍ତବ୍ୟ ଦେଇ କୁନା ନନାର ଅଯଥାରେ ଦଳକୁ ଅଡୁଆକୁ ଟାଣିଛନ୍ତି ବୋଲି ରାମମନ୍ଦିର ଆଖଡ଼ାରେ ଆଲୋଚନା ହେଉଛି । ଶାସକ ଦଳର ନେତା ଭାବରେ ଦଳ ଓ ସରକାରଙ୍କ ପ୍ରତି ନିଷ୍ଠାବାନ ହେବା ନିଶ୍ଚିତ ସ୍ୱାଗତଯୋଗ୍ୟ; ମାତ୍ର ସେହି ନିଷ୍ଠା ଓ ସ୍ନେହ ଯେତେବେଳେ ଅତି ହୋଇଯାଏ, ସେତେବେଳେ ମଣିଷ ଡାହାଣୀ ପାଲଟିଯାଇଥାଏ । ଏ କଥା ମନ କି ମୋହନଙ୍କୁ ଆଉ ଅବୁଝା ହୋଇ ନାହିଁ । ■



## ଖସିଗଲେ ନା ଫସିଗଲେ

ଡ. ଅରବିନ୍ଦ ପାଢ଼ୀ ହେଲେ ୧୯ ୯ ୬ ବ୍ୟାଚ୍ ଆଇଏଏସ୍ । ଓଡ଼ିଶାରୁ ଆରମ୍ଭ କରି ଦିଲ୍ଲୀ ପର୍ଯ୍ୟନ୍ତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରିଛନ୍ତି । କେନ୍ଦ୍ର ଭାରତୀୟ ରେଡ଼କ୍ରସ ସୋସାଇଟି ପରି ସମ୍ମାନଜନକ ପ୍ରତିଷ୍ଠାନର ଦାୟିତ୍ୱ ତୁଲାଇଛନ୍ତି । ରାଜ୍ୟରେ କ୍ଷମତା ପରିବର୍ତ୍ତନ ପରେ ଡ. ପାଢ଼ୀଙ୍କୁ ଅନେକ ନୂଆ ସରକାରଙ୍କ ନୀଳନୟନ ଅଫିସର ବୋଲି ବିବେଚନା କରୁଥିଲେ । କେହି କେହି ତ ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଘୋଷିତ ପରାମର୍ଶଦାତା ବୋଲି କହୁଥିବା ଆମ କାନରେ ବାଜିଛି । ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ନିକୁଞ୍ଜ ଧଳ ଅପ୍ରତ୍ୟାଶିତ ଭାବରେ କେନ୍ଦ୍ରୀୟ ଡେପୁଟେସନରେ ଯିବା ପରେ ତାଙ୍କ ସ୍ଥାନରେ ଡ. ପାଢ଼ୀ ଅବସ୍ଥାପିତ ହୋଇପାରନ୍ତି ବୋଲି କେହି କେହି ଭବିଷ୍ୟବାଣୀ କରିଥିଲେ । ମାତ୍ର ରଥଯାତ୍ରାରେ ଘଟିଥିବା ଘଟଣା ଓ ଅଘଟଣ ତାଙ୍କର ସବୁ ସୁନାମ ଓ ପ୍ରସିଦ୍ଧି ସହ ଭବିଷ୍ୟତକୁ ବି କୁଆଡ଼େ ସମୁଦ୍ରରେ ଭସାଇ ଦେଇଛି । ଶ୍ରୀମନ୍ଦିରରେ ତଥାକଥିତ ମାରା ମୋଦକ ଲାଗି ଅଭିଯୋଗ, ରଥଯାତ୍ରା ଦିନ ନନ୍ଦିଘୋଷ ଟଣାଯିବାରେ ବିଳମ୍ବ ଓ ଶେଷରେ ଶରଧାବାଲି ଦଳାଚକଟାରେ ୩ ଜଣଙ୍କ ପ୍ରାଣହାନି ଅରବିନ୍ଦଙ୍କୁ ଅଡୁଆରେ ପକାଇଛି । ଏହି ସମୟରେ ଗୋଟିଏ ଦିନରେ ସରକାରଙ୍କ ଦୁଇଟି ନିଷ୍ପତ୍ତି ଅରବିନ୍ଦଙ୍କୁ ମାନସିକ ଆଘାତ ଦେଇଥିବା ଏବେ ଶୁଣିବାକୁ ମିଳୁଛି । ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ରୂପେ ଶାଶ୍ୱତ ମିଶ୍ରଙ୍କୁ ଦାୟିତ୍ୱ ପ୍ରଦାନ ନିଷ୍ପତ୍ତି ଅପେକ୍ଷା କନିଷ୍ଠ ଅରବିନ୍ଦ ଅଗ୍ରୱାଲଙ୍କୁ ସରକାର ରଥଯାତ୍ରାର ସାମଗ୍ରିକ ପରିଚାଳନା ଦାୟିତ୍ୱ ପ୍ରଦାନ ଘଟଣା କୁଆଡ଼େ ତାଙ୍କୁ ବେଶୀ ଆଘାତ ଦେଇଛି । ଅବଶ୍ୟ କ୍ଷମତା ଅଳିନ୍ଦରେ ତାଙ୍କ ଆଇଏଏସ୍ ବିରାଦରୀ ଏହାକୁ ନେଇ ବିଭାଜିତ । କେହି ଅରବିନ୍ଦ ଖସିଗଲେ ବୋଲି କହୁଛନ୍ତି, ଆଉ କେହି କହୁଛନ୍ତି ଯେ ସେ ଫସିଗଲେ । କେଉଁଟା ସତ କେଜାଣି ? ■

**ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।**